

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୦ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 10 FEBRUARY 2024
Vol.No. 35 ■ No.40 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ହିଂସାରେ ଜଳୁଛି ଦେବଭୂମି

## ମଦ୍ରାସ ଭଙ୍ଗାଯିବା ପରେ ହଲଦ୍ୱାନୀରେ ଜୋରଦାର ହଙ୍ଗାମା ସହ ହିଂସା,୫ରୁ ଅଧିକ ମୃତ



ନୂଆଦିଲ୍ଲୀ, ୯/୨ : ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଉତରାଖଣ୍ଡ ଜଳୁଛି । କେଉଁଠି ପୋଡ଼ାଜଳା ତ ପୁଣି କେଉଁଠି ଭଙ୍ଗାରୁଜା । କିଏ ଜୀବନ ବଂଚାଇବାକୁ ଏଠିସେଠି ଲୁଚୁଛି ତ ପୁଣି କିଏ ପ୍ରତିଶୋଧ ପରାୟଣ ହୋଇ ହତ୍ୟା କରିବାକୁ ପଛାଉନି । କିଛି ଘଂଟା ଭିତରେ ବଦଳିଛି ଉତରାଖଣ୍ଡ ହଲଦ୍ୱାନୀର ଚିତ୍ର । ହିଂସାରେ ଜର୍ଜରିତ ହୋଇଛି ପୂରା ଜିଲ୍ଲା । ସୂଚନା ଅନୁସାରେ ଏବେ ସୁଦ୍ଧା ୫ରୁ ଅଧିକ ମୃତ୍ୟୁ ହେବା ସହ ଶତାଧିକ ଆହତ ହୋଇଛନ୍ତି । ଗୁରୁବାର ଏଠାରେ ଥିବା ଏକ ବେଆଇନ ମଦ୍ରାସାକୁ ସ୍ଥାନୀୟ ପ୍ରଶାସନ ଭାଙ୍ଗିବାପରେ ସୃଷ୍ଟି ଉତେଜନାପୂର୍ଣ୍ଣ ମାହୋଲ ଏବେ ବି ଜାରି ରହିଛି । ହଲଦ୍ୱାନୀରେ ତ୍ରୀବ ଉତେଜନା ଓ ବ୍ୟାପକ ହିଂସା ଦେଖିବାକୁ ମିଳିଛି । ଘଟଣା ପଛରେ ପିଏଫଆଇ ଓ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀଙ୍କ ହାତ ଥିବା ଦାବି କରଯାଉଛି । ଜିଲ୍ଲାପାଳଙ୍କ ବୟାନ ଅନୁସାରେ ହିଂସା ପାଇଁ ପୂର୍ବରୁ ଷଡ଼ଯନ୍ତ କରାଯାଇଛି । ମଦ୍ରାସା ଚାରିପାଖରେ ଥିବା ଘର ଛାତରୁ ପେଟ୍ରୋଲ ବୋମା, ଗୁଳି, ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ମଦ୍ରାସା ଭଙ୍ଗାଯିବା ପରେ ପୁଲିସ ଉପରକୁ ଉପଦ୍ରବକାରୀ ପେଟ୍ରୋଲ ବୋମା ଫିଙ୍ଗିବା ସହ ଗୁଳିମାଡ଼ କରିଥିଲେ । ମହିଳା କନେଷ୍ଟବଳଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ କରାଯାଇଛି । ପୁଲିସ ଥାନାକୁ ଶତାଧିକ ବିକ୍ଷୋଭକାରୀ ଘେରି ଆକ୍ରମଣ କରିଥିଲେ । ସେପଟେ ସ୍ଥିତିକୁ ଆୟତ କରିବା ପାଇଁ ପୂରା ଜିଲ୍ଲାରେ ପୁଲିସ ଛାଉଣୀ ହେବା ସହ କର୍ଫ୍ୟୁ ଲଗାଯାଇଛି । ହଲଦ୍ୱାନିରେ ଗୁରୁବାରଠୁ ଇଂଟରନେଟ ସେବା ବନ୍ଦ କରାଯିବା ସହ ସମ୍ବେଦନଶୀଳ ସ୍ଥାନରେ ୧୪୪ ଧାରା ବଳବତର ରହିଛି । ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖାଯାଇଛି । ଉପଦ୍ରବକାରୀଙ୍କୁ ଦେଖିବାମାତ୍ରକେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି । ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସିଛି । ରାଜ୍ୟରେ ଶାନ୍ତି ରକ୍ଷା ପାଇଁ ରାଜ୍ୟବାସୀଙ୍କୁ ଅପିଲ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି କଡ଼ା କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଗୁରୁବାର ଯେଉଁସମୟରେ ମଦ୍ରାସା ଭାଙ୍ଗିଥିଲା ସେହି ସମୟରେ ଜୋରଦାର ବିରୋଧପ୍ରଦର୍ଶନ ଦେଖିବାକୁ ମିଳିଥିଲା । ସ୍ଥାନୀୟ ବାସିନ୍ଦା, ପୁଲିସ ଓ ପ୍ରଶାସନ ମଧ୍ୟରେ ମୁହାଁମୁହିଁ ଘଟଣା କ୍ରମଶ ଉଗ୍ର ରୂପ ନେଇଥିଲା । ସ୍ଥିତି ଏପରି ହୋଇଥିଲା କି ଗୋଡାଇ ଗୋଡାଇ ପିଟିଥିବା ପୁଲିସ ଗାଡିରେ ନିଆଁ ଲଗାଇବା ସହ ହଙ୍ଗାମା କରିଥିଲେ ବିକ୍ଷୋଭକାରୀ । ସ୍ଥିତି ବିଗୁଡୁଥିବାରୁ ପଡୋଶୀ ରାଜ୍ୟ ଉତରପ୍ରଦେଶ ମଧ୍ୟ ଆଲର୍ଟ ଜାରି କରାଯାଇଛି ।

# ଭାରତ ରତ୍ନ ପାଇବେ ଚୌଧୁରୀ ଚରଣ ସିଂହ, ପିଭି ନରସିଂହା ରାଓ ଓ ଏମଏସ୍ ସ୍ୱାମୀନାଥନ



ନୂଆଦିଲ୍ଲୀ, ୯/୨ : ଭାରତ ରତ୍ନ ପାଇଁ ଆଉ ତିନି ଜଣଙ୍କ ନାମ ଘୋଷଣା କଲେ କେନ୍ଦ୍ର ସରକାର। ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ, ପିଭି ନରସିଂହା ରାଓ ଏବଂ କୃଷି ବୈଜ୍ଞାନିକ ତଥା ସବୁଜ ବିପ୍ଳବର ଜନକ ଏମଏସ୍ ସ୍ୱାମୀନାଥନଙ୍କୁ ଭାରତ ରତ୍ନରେ ସମ୍ମାନିତ କରାଯିବ। ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ ନେଇ ଆଜି କେନ୍ଦ୍ର ସରକାର ଏହି ତିନି ଜଣ ମହାନ ବ୍ୟକ୍ତିତ୍ୱଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବରୁ ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜ ସେବୀ କର୍ପୂରୀ ଠାକୁର ଏବଂ ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବା ନେଇ ଘୋଷଣା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଏକ୍ସ ଯୋଗେ ସୂଚନା ଦେଇଥିଲେ। ଚୌଧୁରୀ ଚରଣ ସିଂହ, ପିଭି ନରସିଂହା ରାଓ ଏବଂ ଏମଏସ୍ ସ୍ୱାମୀନାଥନଙ୍କୁ ଭାରତ ରତ୍ନ ପ୍ରଦାନ ନେଇ ମଧ ପ୍ରଧାନମନ୍ତ୍ରୀ ଏକ୍ସ ଯୋଗେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଚୌଧୁରୀ ଚରଣ ସିଂହଙ୍କୁ ଭାରତ ରତ୍ନରେ ସମ୍ମାନିକ କରିବା ନେଇ ଘୋଷଣା କରି କହିଛନ୍ତି, ▶▶ପୃଷ୍ଠା ୭

# ୪.୨୭ ଲକ୍ଷ ଟଙ୍କା ସହ ଧରାପଡ଼ିଲେ ଟ୍ରାଫିକ ଇନ୍ସପେକ୍ଟର



ଭୁବନେଶ୍ୱର, ୯/୨ (ନି.ପ୍ର): ନଗଦ ୪.୨୭ ଲକ୍ଷ ଟଙ୍କା ସହ ଧରାପଡ଼ିଛନ୍ତି ଜଗତସିଂହପୁର ଆରଟିଓ ଟ୍ରାଫିକ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର। ସେ କାର ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ କଟକ ନିକଟସ୍ଥ ବିରିବାଟିର ତାରିଣୀ ଛକରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇ ଥିଲା। ଯାଞ୍ଚ ବେଳେ ତାଙ୍କ ପାଖରୁ ନଗଦ ୪.୨୭ ଲକ୍ଷ ଟଙ୍କା ମିଳିଥିଲା। ସେ ଏହି ଟଙ୍କା କେଉଁଠାରୁ ଆଣିଲେ ଓ କେଉଁ ଉଦ୍ଦେଶ୍ୟରେ ନେଇ ଯାଉଥିଲେ ବୋଲି ଭିଜିଲାନ୍ସ ଟିମ୍ ପଚାରିଥିଲେ। ତେବେ ଟ୍ରାଫିକ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର ଭିଜିଲାନ୍ସ ଅଧିକାରୀମାନଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ତେଣୁ ଭିଜିଲାନ୍ସ ଉକ୍ତ ଟଙ୍କାକୁ ଜବତ କରିଥିଲା। ଏହା ପରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହ କରି ଏହି ଚଢ଼ାଉ କରାଯାଇଛି। ଅନ୍ୟପକ୍ଷରେ ସେ କେଉଁଠାରୁ ୪.୨୭ ଲକ୍ଷ ଟଙ୍କା ଆଣିଛନ୍ତି, ସେ ସଂପର୍କରେ ଜାଣିବା ପାଇଁ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ସରିଲା ଷୋଡ଼ଶ ବିଧାନସଭାର ଶେଷ ଅଧିବେଶନ



ଭୁବନେଶ୍ୱର, ୯/୨ (ନି.ପ୍ର): ଷୋଡ଼ଶ ବିଧାନସଭାର ପଂଚଦଶ ଅର୍ଥାତ୍ ଶେଷ ଅଧିବେଶନ ଆଗୁଆ ଶେଷ ହୋଇଛି । ଗୃହ ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟସୂଚୀ ଥିଲେ ମଧ ଦୁଇଟି କାର୍ଯ୍ୟଦିବସ ଥାଇ ଆଜି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ସାଧାରଣ ନିର୍ବାଚନ ପୂର୍ବରୁ ଏହା ଶେଷ ଅଧିବେଶନ । ଚଳିତ ଅଧିବେଶନରେ ଗତକାଲି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆଗତ ୪ମାସିଆ କାମଚଳା ବଜେଟକୁ ଉପସ୍ଥାପନ ଓ ଆଜି ଏହା ପାରିତ ହେବାପରେ ଶାସକ ଦଳ ଗୃହକୁ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଇଥିଲା । ଷୋଡ଼ଶ ବିଧାନସଭାର ଶେଷ ଅଧିବେଶନ ଗତ ୫ତାରିଖଠୁ ଆରମ୍ଭ ହୋଇଥିଲା । ମାତ୍ର ୫ଦିନ ଗୃହ ଚାଲିପାରିଛି । ଚଳିତ ଅଧିବେଶନରେ ଗୃହରେ ମହାପ୍ରଭୁଙ୍କ ଅର୍ପଣ ରଥ ବିବାଦ, ପରି ମାମଲା ନ୍ୟାୟ, କର୍ମଚାରୀଙ୍କ ଆନ୍ଦୋଳନ, ବେଦାନ୍ତ ପାଇଁ ଅଧିଗ୍ରହଣ ହୋଇଥିବା ଜମି ଫେରସ୍ତ ଓ ସାମ୍ବାଦିକଙ୍କ ସମସ୍ୟା ଆଦି ପ୍ରସଙ୍ଗକୁ ବିରୋଧୀ ଦଳ ଗୃହରେ ଉଠାଇଥିଲା । ଶାସକ ଦଳ କେବଳ ପରୀ ମାମଲାରେ ବିରୋଧୀ ବିଜେପିକୁ ଟାର୍ଗେଟ୍ କରିଥିଲା । ରାଜ୍ୟପାଳ ରଘୁବର ଦାସ ନିଜର ପ୍ରଥମ ଅଭିଭାଷଣ ମଧ ଚଳିତ ବିଧାନସଭା ଅଧିବେଶନରେ ରଖିଥିଲେ । ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଅଭିଭାଷଣ ଉପରେ ମଧ ଠିକ୍ ଢଙ୍ଗରେ ଆଲୋଚନା ହୋଇପାରିନଥିଲା । ଗୃହର ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ଅଧିବେଶନକୁ ମୁଲତବୀ ରଖିବା ପ୍ରସ୍ତାବ ଉପରେ ଆଲୋଚନାରେ ▶▶ପୃଷ୍ଠା ୭

# ଅଚାନକ ଚେନ୍ନାଇ ଗଲେ ନବୀନ



ଭୁବନେଶ୍ୱର, ୯/୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅଚାନକ ଚେନ୍ନାଇ ଗସ୍ତରେ ଯାଇଛନ୍ତି । ସେ ଆଜି ସନ୍ଧ୍ୟା ୭ଟାରେ ସ୍ୱତନ୍ତ୍ର ଏୟାରକ୍ରାଫ୍ଟରେ ଚେନ୍ନାଇ ଯାଇ ରାତି ପ୍ରାୟ ୧୨ଟାରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି । ବିଜେଡିର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ବିଧାୟିକା ଭି.ସୁଜ୍ଞାନ କୁମାର ଦେଓଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ଚେନ୍ନାଇସ୍ଥିତ ଆପୋଲୋ ହସ୍ପିଟାଲକୁ ଯାଇଥିବା ଜଣାପଡ଼ିଛି। ନବୀନଙ୍କ ସହ ମନ୍ତ୍ରୀ ବିକ୍ରମ କେଶରୀ ▶▶ପୃଷ୍ଠା ୭

# ପୁଣି ଧରାପଡ଼ିଲେ ଡାକ୍ତର ପୁଣ୍ୟଶ୍ଳୋକ ଦାସ: ବାନ୍ଧିଲା ପୁଲିସ୍

ଭୁବନେଶ୍ୱର, ୯/୨ (ନି.ପ୍ର): କଥାରେ ଅଛି- ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ। ଡାକ୍ତର ପୁଣ୍ୟଶ୍ଳୋକ ଦାସଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ପ୍ରଯୁଜ୍ୟ। କାହିଁକି ନା ପୂର୍ବରୁ ଦୁଇ ଦୁଇ ଥର ବେଆଇନ ଲିଙ୍ଗ ନିରୂପଣ କରିବା ଅଭିଯୋଗରେ ଧରାପଡ଼ି ନିଲମ୍ବିତ ହେବା ସତ୍ତ୍ୱେ ପୁଣି ଚଲାଇଥିଲେ ଏହି ଘୃଣ୍ୟ କାମ। ଆଜି ତାଙ୍କୁ ଗିରଫ କରାଯାଇଛି। ଡାକ୍ତର ପୁଣ୍ୟଶ୍ଳୋକ ଦାସଙ୍କ ସହିତ ତାଙ୍କ ପତ୍ନୀ ଓ ୩ ଜଣ ଦଲାଲଙ୍କୁ ଗିରଫ କରିଛି କଟକ ମଙ୍ଗଳାବଗ ଥାନା ପୁଲିସ। ଡାକ୍ତର ପୁଣ୍ୟଶ୍ଳୋକ ଦାସ କେବଳ ଏମ୍‌ବିବିଏସ୍ କରିଛନ୍ତି। ସେ ଦେବଗଡ଼ ସରକାରୀ ଡାକ୍ତରଖାନାରେ ନିଯୁକ୍ତ ହୋଇଛନ୍ତି। ଆଜି ସକାଳେ ସେ ତାଙ୍କ କଟକ ଫ୍ରେଣ୍ଡସ କଲୋନୀ ସ୍ଥିତ ଘରେ ଅଲଟ୍ରାସାଉଣ୍ଡ ମେସିନ୍ ସହାୟତରେ ବେଆଇନ ଲିଙ୍ଗ ନିରୂପଣ କାର୍ଯ୍ୟ କରୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ହାତରେ ଧରାପଡ଼ିଥିଲେ। ଚଢ଼ାଉ ବେଳେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସହିତ ଉପ-ଜିଲ୍ଲାପାଳ ମଧ ଉପସ୍ଥିତ ଥିଲେ। ତାଙ୍କ ଘରୁ ଅଲଟ୍ରାସାଉଣ୍ଡ ମେସିନ, ଲିଙ୍ଗ ନିରୂପଣରେ ବ୍ୟବହୃତ ଅନ୍ୟାନ୍ୟ ଆବଶ୍ୟକ ସରଞ୍ଜାମ, ଏକ ଟଙ୍କା ଭର୍ତ୍ତି ବ୍ୟାଗ ଓ ଗର୍ଭପାତ ଔଷଧ ଆଦି ଜବତ କରାଯାଇଥିଲା। ତାଙ୍କ ସହିତ ୩ ଜଣ ଦଲାଲ ଓ ଜଣେ ଗର୍ଭବତୀଙ୍କୁ ଧରିଥିଲା ସ୍ୱାସ୍ଥ୍ୟ ବିଭାଗର ଟିମ୍। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ କହିବା ଅନୁଯାୟୀ, ଜଣେ ଏମବିବିଏସ ଡାକ୍ତର ଅଲଟ୍ରାସାଉଣ୍ଡ ମଧ କରିପାରିବ ନାହିଁ। କିନ୍ତୁ ଡାକ୍ତର ପୂନ୍ୟଶ୍ଳୋକ ବେଆଇନ ଭାବେ ଘରେ କ୍ଲିନିକ ଖୋଲି ଲିଙ୍ଗ ନିରୂପଣ କାର୍ଯ୍ୟ କରୁଥିଲେ। କେବଳ ଏଠି ନୁହେଁ, ଏହି ମେସିନକୁ ▶▶ପୃଷ୍ଠା ୭

# ଦଶପଲ୍ଲାରୁ ପୁରୀରେ ପହଞ୍ଚିଲା ରଥକାଠ

ପୁରୀ, ୯/୨ (ନି.ପ୍ର): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଜି ନୟାଗଡ଼ ଜିଲ୍ଲା ଦଶପଲ୍ଲାରୁ ଆସି ପୁରୀରେ ପହଞ୍ଚିଛି ରଥକାଠ। ପ୍ରଥମ ପର୍ଯ୍ୟାୟରେ ୩ଟି ଟ୍ରକ୍ ?ରେ ୧୦୨ ଖଣ୍ଡ କାଠ ଆସିଛି। ଦଶପଲ୍ଲା ସ୍ଥିତ ପୋଖରୀଗୋଛା ଅଞ୍ଚଳରୁ ଦୁଇ ଟ୍ରକ୍ ଓ ଚଢ଼େୟାପଲ୍ଲୀ ଅଞ୍ଚଳରୁ ଗୋଟିଏ ଟ୍ରକ୍ ଭର୍ତ୍ତି କାଠ ଆସିଛି। ଧଉରା ଓ ଅସନକୁ ମିଶାଇ ୧୦୨ ଖଣ୍ଡ କାଠ ଅଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ୩ ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠ ଦରକାର ହେଉଥିବାବେଳେ ପୂର୍ବ ବର୍ଷରୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ୫୩ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ବର୍ଷ ଆଉ ୮୧୨ ଖଣ୍ଡ କାଠର ଆବଶ୍ୟକତା ଥିବାବେଳେ ଆଜି ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ରୁ ୧୦୨ ଖଣ୍ଡ କାଠ ପୁରୀରେ ପହଞ୍ଚିଛି। ଆଜି ନୟାଗଡ଼ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ପୁରୀ ଅଭିମୁଖେ ଆସିଥିଲା ପ୍ରଥମ ପର୍ଯ୍ୟାୟ ରଥକାଠ। ଏହି ଅବସରରେ ନୟାଗଡ଼ ଡିଏମଓ କ୍ଷମା ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିଥିଲେ।

# ଜଷ୍ଟିସ୍ ଏଏମ ଖାନଓ୍ୱିଲକର ଦେଶର ନୂଆ ଲୋକପାଳ



ନୂଆଦିଲ୍ଲୀ, ୯/୨ : ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏଏମ ଖାନଓ୍ୱିଲକର ହେବେ ଦେଶର ନୂଆ ଲୋକପାଳ । ତାଙ୍କ ନିଯୁକ୍ତି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଓ ବିପକ୍ଷ ନେତା ଅଧିକ ▶▶ପୃଷ୍ଠା ୭

# ଇଣ୍ଡିଆ ମେଣ୍ଟକୁ ଝଟକା : ବିଜେପି ସହ ମେଣ୍ଟ କରିବ ଆରଏଲଡି



ନୂଆଦିଲ୍ଲୀ, ୯/୨ : ବିରୋଧୀ ମେଣ୍ଟ ଇଣ୍ଡିଆକୁ ପୁଣି ଝଟକା ଲାଗିଛି। ନୀତୀଶ କୁମାରଙ୍କ ପରେ ଇଣ୍ଡିଆ ମେଣ୍ଟ ଛାଡ଼ିଛନ୍ତି ଜୟନ୍ତ ଚୌଧୁରୀ। ଉତ୍ତର ପ୍ରଦେଶରେ ଜୟନ୍ତ ଚୌଧୁରୀଙ୍କ ଆରଏଲଡି ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ସହ ମେଣ୍ଟ କରିବ। ଉଭୟ ଦଳ ମିଳିତ ଭାବେ ନିର୍ବାଚନ ଲଢ଼ିବେ ବୋଲି ନିଜେ ଜୟନ୍ତ ଚୌଧୁରୀ ଘୋଷଣା କରିଛନ୍ତି। ଏହି ଘୋଷଣାର କିଛି ଘଣ୍ଟା ପୂର୍ବରୁ ଜୟନ୍ତ ଚୌଧୁରୀଙ୍କ ଜେଜେ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କୁ ଭାରତ ସରକାର ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ସମ୍ମାନୀତି କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଭାରତ ସରକାର ଭାରତ ରତ୍ନ ଗୋଟି ଚାଳନା ପରେ ଆରଏଲଡି ଉତ୍ତର ପ୍ରଦେଶରେ ବିଜେପି ସହ ମେଣ୍ଟ କରିବ ବୋଲି କହିଛି। ଏହାପୂର୍ବରୁ ଭାରତ ସରକାର ସମାଜସେବୀ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁରଙ୍କୁ ଭାରତ ରତ୍ନ ମିଳିବ ବୋଲି ଘୋଷଣା କରିଥିଲେ। ଏହି ଘୋଷଣା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଇଣ୍ଡିଆ ମେଣ୍ଟ ଛାଡ଼ି ବିଜେପି ସହ ହାତ ମିଳାଇଥିଲେ। ଏବେ ଜୟନ୍ତ ଚୌଧୁରୀ ସମାନ ପଦକ୍ଷେପ ଗ୍ରହଣ କରିଛନ୍ତି। ଚୌଧୁରୀ କହିଛନ୍ତି, "ମେଣ୍ଟ ପ୍ରସ୍ତାବକୁ ମୁଁ ଏବେ କେମିତି ମନା କରିବି ? ମୋଦିଜୀ(ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି)ଙ୍କ ଦୂରଦୃଷ୍ଟି ଯାହା କରିପାରିଛି, ସେସବୁ ଏଯାଏ ଆଉ କୌଣସି ଦଳ କରିପାରି ନାହାନ୍ତି। ସିଟ ଓ ଭୋଟ ସମ୍ପର୍କରେ କଥା ହେଲେ ଆଜି ଦିନର ଗୁରୁତ୍ୱ ହ୍ରାସ ପାଇବ।" ପ୍ରଧାନମନ୍ତ୍ରୀ ମୋଦି ଯେତେବେଳେ ଏକ୍ସ ଯୋଗେ ଚୌଧୁରୀ ▶▶ପୃଷ୍ଠା ୭

# ବିଚାଲକୋଟା ଗ୍ରାମରେ ଆଇନ ସଚେତନତା ଶିବିର

ଜୟପୁର, ୦୯/୨ (ନି,ପ୍ର): ବୈପାରିଗୁଡ଼ା ବ୍ଲକ, ମହୁଲି ଗ୍ରାମପଂଚାୟତ ର ବିଚାଲକୋଟା ଗ୍ରାମରେ ସତ୍ୟନାରାୟଣ ମିଶ୍ରଙ୍କ ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ନିର୍ଦ୍ଦେଶ କ୍ରମେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇ ଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଆଇନ ସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଲୋକ ଅଦାଲତ ବିଚାରପତି ସୁମନ ଜେନା, ତା ସହିତ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତୀ ଅନିମେଶ ଜେନା ଏବଂ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ବିଭାଗ ଜୟପୁର ସହ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ସାହୁ, ଶ୍ରୀ ଅନନ୍ତ କୁମାର ମୁଦୁଲୀ, ସୁଶ୍ରୀ ରାମେଶ୍ୱରୀ ହିକ୍କା ଏବଂ ଶ୍ରୀ ରାଜେଶ୍ୱର ମହୁରିଆ ପାରା ଲିଗାଲ ସ୍ୱେଚ୍ଛାସେବୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଉପସ୍ଥିତ ରହି ବିଚଲକୋଟା ଗ୍ରାମବାସୀ ମାନଙ୍କୁ ଭାରତୀୟ ସମ୍ବିଧାନରେ ପ୍ରଦତ ବିଭିନ୍ନ ମୌଳିକ କର୍ତବ୍ୟ ଓ ଅଧିକାର, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର, ଆଇନଗତ ସମାନତା, ,ସାମାଜିକ ସୁରକ୍ଷାର ଅଧିକାର, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଚିବ ଶ୍ରୀ ଜେନା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ କର୍ଯ୍ୟବଳି ଯେପରି ମାଗଣା ଆଇନସେବା, ମଧ୍ୟସ୍ତିତା ଓ ଆପୋଷ ମିଳାମିଶା ମାଧ୍ୟମରେ ମାମଲାର ସମାଧାନ, ପ୍ରାକ-ମକଦ୍ଦମା ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ସହିତ ଉପସ୍ଥିତ ଗ୍ରାମବାସୀ ମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଅଧିନିୟମ ଓ ଜାତୀୟ ଆଇନ ସେବାପ୍ରାଧିକରଣ ଦ୍ୱାରା ପ୍ରଦତ ୧୦ ଟି ନୂଆ ଯୋଜନା ସାମ୍ବିଧାନିକ କର୍ତ୍ତ୍ୟବ ଓ ଅଧିକାର ସମ୍ପର୍କରେ ଏବଂ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା କିପରି ଲୋକମାନଙ୍କ ପାଖକୁ ପହଂଚିବ ତାହା ଉପରେ ବର୍ଣ୍ଣନା କରିଥିଲେ । ଶେଷରେ ନିଜ ନିଜ ଅଂଚଳରେ ହେଉଥିବା ବିବାଦର ସମାଧାନ ଓ ଗରିବ ଅଭାବି ଲୋକଙ୍କୁ କିପରି ଆଇନ ସେବା ସଂସ୍ଥାର ସହଯୋଗରେ ସାହାଯ୍ୟ ଯୋଗାଇଦେବାରେ ସହାୟକ ହେଇପାରିବେ ତାହା ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଜିଲ୍ଲା ଶ୍ରମ ବିଭାଗ ତରଫରୁ କୁହାଯାଇଥିଲା ଯେ ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ ଆଇନରେ ଥିବା ସୁବିଧା ସୁଯୋଗ ଓ ଅଧିକାର ଯଥା ପ୍ରତ୍ୟେକ ଶ୍ରମିକଙ୍କୁ ଠିକାଦାର ଗଟିଏ ପରିଚୟ ପତ୍ର ଦେବା ଆବଶ୍ୟକ । ଯେଉଁ ପତ୍ର ରେ ସମସ୍ତ ବିବରଣୀ ରହିଥିବ ଯେପରି ଶ୍ରମିକର ଫଟୋ, ନାମ, କାର୍ଯ୍ୟସ୍ଥାନ, ନିଯୁକ୍ତି ଶ୍ରମ ପ୍ରସ୍ତାବି ଦର ଏବଂ ମଞ୍ଜୁରୀ ଦେବା ପ୍ରଣାଳୀ, ସ୍ଥାନାନ୍ତର ଭତା, ଫେରନ୍ତା ଭଡ଼ା, କଟାଯାଉଥିବା ପରିମାଣ, କାମରେ ନିଯୁକ୍ତ ହେବା ତାରିଖ, ସମୁଦାୟ ଉପସ୍ଥାପନା କରାଯାଉଥିବା କାର୍ଯ୍ୟ, ଶ୍ରମିକଙ୍କ ନିଜ ସମ୍ପର୍କୀୟ ବା ଆତ୍ମୀୟଙ୍କ ନାମ ଓ ଠିକଣା ଇତ୍ୟାଦି, ତା ସହିତ ଶ୍ରମିକ ନେବା ନିମନ୍ତେ ଠିକାଦାରଙ୍କର ଗୋଟିଏ ଅନୁମତି ପତ୍ର ବା ଲାଇସେନ୍ସ ଥିବା ନିହାତି ଆବଶ୍ୟକ, ପ୍ରବାସୀ ଶ୍ରମିକ ମାନଙ୍କର ୬ ରୁ ୧୪ ବର୍ଷ ମଧ୍ୟରେ ସ୍କୁଲ୍ ଯାଉଥିବା ପିଲାମାନଙ୍କର ପାଠପଢ଼ାର ସୁବ୍ୟବସ୍ଥା ନିହାତି ଆବଶ୍ୟକ ବୋଲି ସଚେତନତାର ବାର୍ତା ଦେଇଥିଲେ ।

# ସାଧାରଣ ନିର୍ବାଚନ ସୁପରିଚାଳନା ପାଇଁ ଅଧିକାରୀଙ୍କୁ ତାଲିମ ପ୍ରଦାନ

ଭୁବନେଶ୍ୱର, ୦୯/୨ (ନି,ପ୍ର): ଆଗାମୀ ସାଧାରଣ ନିର୍ବାଚନ-୨୦୨୪କୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟ ତରଫରୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ବିଭିନ୍ନ ବର୍ଗର ଅଧିକାରୀ/କର୍ମଚାରୀଙ୍କୁ ନିର୍ବାଚନ ସଂପର୍କିତ ଭିନ୍ନ ଭିନ୍ନ ତାଲିମ ପ୍ରଦାନ କରାଯାଇଛି । ଦିଲ୍ଲୀସ୍ଥିତ ଆଇ.ଆଇ.ଆଇ.ଡି.ଇ.ଏମ୍.ରୁ ରାଜ୍ୟର ୮୫ ଜଣ ଅଧିକାରୀ ରାଜ୍ୟସ୍ତରୀୟ ମାଷ୍ଟର୍ସ ଟ୍ରେନର ଭାବେ ନିର୍ବାଚନ ସଂପର୍କିତ ବିଷୟଭିତିକ ତାଲିମ ଗ୍ରହଣ କରି ୮୦୨ ଜଣ ଜିଲ୍ଲାସ୍ତରୀୟ ମାଷ୍ଟର୍ସ ଟ୍ରେନରଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମପ୍ରାପ୍ତ ଜିଲ୍ଲାସ୍ତରୀୟ ମାଷ୍ଟର୍ସ ଟ୍ରେନରମାନଙ୍କ ଦ୍ୱାରା ଜିଲ୍ଲାସ୍ତରରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ଅଧିକାରୀ/କର୍ମଚାରୀମାନଙ୍କୁ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଥିବା ପ୍ରାର୍ଥୀମାନଙ୍କର ଯୋଗ୍ୟତା, ନାମାଙ୍କନ ପତ୍ର ଦାଖଲ, ନାମାଙ୍କନ ପତ୍ର ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର, ନିର୍ବାଚନ ଚିହ୍ନ ବଂଟନ ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଉଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ନିର୍ବାଚନ ପରିଚାଳନା ଯୋଜନା, ସୁରକ୍ଷା ପରିଚାଳନା, ପୁଲିଙ୍ଗ୍ ପାର୍ଟି ପ୍ରେରଣ, ନିର୍ବାଚନ ସାମଗ୍ରୀ ବଂଟନ, ଭୋଟ ପରେ ପୁଲିଙ୍ଗ୍ ପାର୍ଟିକୁ ଗ୍ରହଣ, ଭୋଟ ଦିନର ସୁପରିଚାଳନା, ଭୋଟିଂ ପ୍ରକ୍ରିୟା ସ୍ୱଚ୍ଛ ଓ ନିରାପଦ ପ୍ରକ୍ରିୟା, ପର୍ଯ୍ୟବେକ୍ଷକ/ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ସୁପରିଚାଳନା ଇତ୍ୟାଦି ସଂପର୍କରେ ତାଲିମ ପ୍ରଦାନ କରାଯାଉଛି । ସେହିପରି ତୃତୀୟ ପର୍ଯ୍ୟାୟରେ ଆଦର୍ଶ ଆଚରଣବିଧି, ଅଭିଯୋଗ ଗ୍ରହଣ ଓ ସମାଧାନ, ଏମ୍.ସି.ଏମ୍.ସି, ମିଡ଼ିଆ ସାର୍ଟିଫିକେସନ୍ ଓ ନିର୍ବାଚନ ଖର୍ଚ୍ଚର ତଦାରଖ ସଂପର୍କରେ କର୍ମଚାରୀ/ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି । ସେହିପରି ଚତୁର୍ଥ ପର୍ଯ୍ୟାୟରେ କର୍ମଚାରୀ/ଅଧିକାରୀମାନଙ୍କୁ ଇ.ଟି.ପି.ବି.ଏସ୍, ପୋଷ୍ଟାଲ ବାଲାଟ୍, ସୁଇପ୍ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସଂପର୍କରେ ତାଲିମ ପ୍ରଦାନ କରାଯାଉଛି । ସେହିପରି ନିର୍ବାଚନ କାର୍ଯ୍ୟକୁ ସୁଚାରୁ ରୂପେ ସଂପାଦନ ନିମନ୍ତେ ନିୟୋଜିତ ଥିବା କର୍ମଚାରୀ/ଅଧିକାରୀମାନଙ୍କୁ ଇଭିଏମ୍/ଭିଭିପ୍ୟାଟ୍, ରାଣ୍ଡୋମାଇଜେସନ୍ ଷ୍ଟୋରେଜ୍, କମିସନିଙ୍ଗ୍, ଇଭିଏମ୍ /ଭିଭିପ୍ୟାଟ୍ ର ପ୍ରଶାସନିକ ପ୍ରକ୍ରିୟା, ଭୋଟ ଦିନର କାର୍ଯ୍ୟ ଓ ମକ୍‌ପୋଲ୍, ଇଭିଏମ୍ /ଭିଭିପ୍ୟାଟ୍ ପରିବର୍ତନ, ଭୋଟ ପରେ ଇଭିଏମ୍/ଭିଭିପ୍ୟାଟ୍ ର ଷ୍ଟୋରେଜ୍, ଭୋଟଗଣତି ଓ ନିର୍ବାଚନ ଫଳାଫଳ ଘୋଷଣା ସଂପର୍କରେ ବିସ୍ତୃତ ଭାବେ ତାଲିମ ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ପ୍ରକାଶ କରିଛନ୍ତି ।

# ନୂଆ ଓ ରାଜ୍ୟସ୍ତରୀୟ ଖୋଖୋରେ ଆଜିର ବିଜୟୀ ଦଳ

ପୁରୀ , ୦୯/୨ (ନି,ପ୍ର): ପିଲା ମାନଙ୍କ କ୍ରୀଡା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସ୍ତରୀୟ ଖୋ ଖୋ ପ୍ରତିଯୋଗିତା ପୁରୀ ଜିଲ୍ଲା ସ୍କୁଲ ଠାରେ ଅନୁଷ୍ଠିତ ହେଉଛି । ଆଜି ଅନୁଷ୍ଠିତ ମହିଳା ବର୍ଗର ମ୍ୟାଚରେ ବଲାଙ୍ଗୀର, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ, କେନ୍ଦୁଝର, ପୁରୀ, ଗଞ୍ଜାମ, ବାଲେଶ୍ୱର ବିଜୟୀ ହୋଇ ପରବର୍ତୀ ପର୍ଯ୍ୟାୟରେ ପହଂଚିଛନ୍ତି । ସେହିପରି ପୁରୁଷ ବର୍ଗରେ ଜଗତସିଂହପୁର, ସୁନ୍ଦରଗଡ, ବାଲେଶ୍ୱର, ପୁରୀ, କଟକ,ଖୋର୍ଦ୍ଧା, ଗଞ୍ଜାମ, ଢେଙ୍କାନାଳ ଜିଲ୍ଲାର ପ୍ରତିଯୋଗୀ ମାନେ ବିଜୟୀ ହୋଇଛନ୍ତି ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସୂଚନା ଦେଇଛନ୍ତି । ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ରାଜ୍ୟର ୩୧୪ ବ୍ଲକରେ ଅନୁଷ୍ଠିତ ଖୋଖୋ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା । ଜିଲ୍ଲା ସ୍ତରର ଶ୍ରେଷ୍ଠ ଦଳ ମାନଙ୍କୁ ସାମିଲ କରାଯାଇ ଆରମ୍ଭ ହୋଇଛି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା । ୩୦ଟି ପୁରୁଷ ଓ ୩୦ଟି ମହିଳା ଦଳ ଏଥିରେ ଯୋଗ ଦେଇଛନ୍ତି । ଏହି ପ୍ରତିଯୋଗିତା ୧୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଥିବା ଦଳକୁ ୨ଲକ୍ଷ ଟଙ୍କା, ଦ୍ୱିତୀୟ ଦଳକୁ ୧ ଲକ୍ଷ ଟଙ୍କା, ତୃତୀୟ ଏବଂ ଚତୁର୍ଥ ଦଳ ଙ୍କୁ ୫୦ ହଜାର ଟଙ୍କା ଓ ଶ୍ରେଷ୍ଠ ଖେଳାଳୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ସମ୍ବିଧାନ ଦେଇଥିବା ସମସ୍ତ କ୍ଷମତା ଜନପ୍ରତିନିଧିମାନଙ୍କୁ ଦିଆଯାଉ : ବିଜେପି

ଭୁବନେଶ୍ୱର, ୦୯/୨ (ନି,ପ୍ର): ଗଣତନ୍ତ୍ର ବ୍ୟବସ୍ଥାକୁ ହତ୍ୟା କରି ସଚିବାଳୟର ତୃତୀୟ ମହଲାରୁ ରାଜ୍ୟର ସବୁ ପଂଚାୟତକୁ ଆୟତ କରିବାକୁ ଚାହୁଁଛନ୍ତି ରାଜ୍ୟ ସରକାର । ଓଡ଼ିଶାର ଗଣତନ୍ତ୍ରର ହତ୍ୟା କିଭଳି ହେଉଛି ତାହା ମଧ୍ୟ ଲୋକଲୋଚନକୁ ଆସିଛି । ଓଡ଼ିଶାରେ ଅମଲାତନ୍ତ୍ର ଶାସନ ଚାଲିଛି, ଗଣତନ୍ତ୍ରର ଶାସନ ଚାଲିନାହିଁ । ନିର୍ବାଚିତ ଜନପ୍ରତିନିଧିମାନଙ୍କୁ କୌଣସି ପ୍ରାଧାନ୍ୟ ଦିଆଯାଉନାହିଁ । ସରପଂଚମାନଙ୍କ କ୍ଷମତା ହ୍ରାସ ପାଇବା କାରଣରୁ ଗ୍ରାମାଂଚଳରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ବ୍ୟାପକ ମାତ୍ରାରେ ଟଙ୍କା ହଡପ୍ କରାଯାଉଛି । ନିର୍ବାଚିତ ପ୍ରତିନିଧିମାନଙ୍କ ବିକାଶମୂଳକ ପ୍ରସ୍ତାବକୁ ଗ୍ରହଣ ନକରି ଦଳୀୟ ଆଧାରରେ କାର୍ଯ୍ୟ କରାଯିବାକୁ ସ୍ଥାନୀୟ ବିଡିଓଙ୍କ ସମେତ ଅନେକ ସରକାରୀ ଅଧିକାରୀ ସହଯୋଗ ମଧ୍ୟ କରୁଛନ୍ତି । ଭତା, ରାସନକାର୍ଡ, ଜିପିଡିପି ବାଧାପ୍ରାପ୍ତ ହେଉଛି । ଏ ନେଇ ସରପଂଚଙ୍କ ସମେତ ଅନ୍ୟାନ୍ୟ ନିର୍ବାଚିତ ଜନପ୍ରତିନିଧିଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି । ଏପରିକି ନିର୍ବାଚିତ ଜନପ୍ରତିନିଧିମାନେ ବିଧାନସଭା ଘେରାଓ କରିଛନ୍ତି । ରାଜ୍ୟ ସରକାରଙ୍କ ପଂଚାୟତରାଜ ବ୍ୟବସ୍ଥାକୁ ଧ୍ୱଂସ କରିଦେବା ବିରୁଦ୍ଧରେ ଭାରତୀୟ ଜନତା ପାର୍ଟି ସବୁବେଳେ ପ୍ରତିବାଦ କରିବା ସହିତ ୧ଫେବୃୟାରୀ ଦିନ ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଥିଲା । ନିର୍ବାଚିତ ଜନପ୍ରତିନିଧିମାନଙ୍କ ଅସନ୍ତୋଷ ବ୍ୟାପକ ହେବାର ଦେଖି ଏବଂ ନିର୍ବାଚନ ପାଖେଇ ଆସୁଥିବା କାରଣରୁ ରାଜ୍ୟ ସରକାର ପୁଣି ଥରେ ଚଂଚକତା ଆରମ୍ଭ କରିଦେଇଛନ୍ତି । ଦୀର୍ଘ ବର୍ଷ ଧରି ନିରନ୍ତର ଭାବେ ହଡପ୍ କରିଆସୁଥିବା ଏବଂ ସରପଂଚଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇ ଦେଇଥିବା ବିଜେଡି ସରକାର ମାନ୍ୟବର ରାଜ୍ୟପାଳଙ୍କ ହସ୍ତକ୍ଷେପ ପରେ ଫେବୃୟାରୀ ୩ ତାରିଖ ଦିନ ତରବରିଆ ଭାବରେ ଏଫଟିଓ (ଫଣ୍ଡ ଟ୍ରାନ୍ସଫର ଅର୍ଡର) ଉପରେ ବିଡିଓଙ୍କ କାଉଂଟର ଦସ୍ତଖତକୁ ପ୍ରତ୍ୟାହାର କରିଛନ୍ତି । ଭୋଟ ସର୍ବସ୍ୱ ଓ ବିକାଶ ବିରୋଧୀ ବିଜେଡି ସରକାରର ଏଭଳି ଆଭିମୁଖ୍ୟକୁ ଗ୍ରାମାଂଚଳବାସୀ ଆଦୌ କ୍ଷମା ଦେବେ ନାହିଁ ବୋଲି ବିଜେପି ରାଜ୍ୟ ଉପସଭାପତି ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଚତୁର୍ଦର୍ଶ ଅର୍ଥକମିଶନ ଲାଗୁ ହେଲା ପରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ କାଳରେ ପଂଚାୟତ ପିଛା ୪୦ଲକ୍ଷ ରୁ ୧କୋଟି ଟଙ୍କା ହୋଇଛି । ପଂଚାୟତକୁ ଆସୁଥିବା ଟଙ୍କା ଦେଖି ବିଜୁ ଜନତା ଦଳ ସରକାର ମନରେ ଲୋଭ ହେଲା । ଏହି ଟଙ୍କାକୁ ଲୁଣ୍ଠନ କରିବା ପାଇଁ ଜନପ୍ରତିନିଧିମାନଙ୍କୁ ଆଢୁଆଳରେ ରଖାଯାଇ ବିଡିଓ ମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯିବା ପାଇଁ ସରକାର ୨ଫେବୃୟାରୀ ୨୦୨୦ମସିହାରେ ନିର୍ଦ୍ଦେଶ ଦେଲେ ।

ଏହି ଅବସରରେ ବରିଷ୍ଠ ନେତା ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲବାଣୀରେ ଏନଡିଆରଏଫ ଦ୍ୱାରା ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ

କନ୍ଧମାଳ , ୦୯/୨ (ନି,ପ୍ର): ଏନ୍.ଡି.ଆ.ର.ଏଫ୍. ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଟେବୁଲ୍ ଟପ୍ ଏକ୍ସରସାଇଜ୍ ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ କନ୍ଧମାଳ ଉପ-ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ, ପ୍ରାକୃତିକ ଦୁର୍ବିପାକ ସମୟରେ ଜୀବନ ନଷ୍ଟକୁ ରୋକିବା ବା ଆଦୌ ଜୀବନ ନଷ୍ଟ ନ ହେବା ପାଇଁ ଭୁଷୁଡ଼ି ପଡ଼ିଥିବା ଭିଭୂମିର ସନ୍ଧାନ ଓ ଉଦ୍ଧାର ଉପରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଓ ମକ୍ ଏକ୍ସରସାଇଜ୍ କରାଯାଉଛି । କାରଣ ଜିରୋ କାଜୁଆଲିଟି ପାଇଁ ପୂର୍ବ ପ୍ରସ୍ତୁତି ସହିତ ଲଗାତର ମନିଟରିଂର ଆବଶ୍ୟକତା ରହିଛି । ସେହିପରି, ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟ କିପରି କରାଯିବ ସମସ୍ତେ ଜାଣିବା ଆବଶ୍ୟକ । ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ପ୍ରବୀଣ କୁମାର ବାଣୁଆ କହିଲେ, ସମୁଦ୍ର କୂଳରେ ଅବସ୍ଥାପିତ ଯୋଗୁଁ ଗଞ୍ଜାମ ଜିଲ୍ଲାରେ ପ୍ରାୟତଃ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇ ଥାଏ । କନ୍ଧମାଳ ଜିଲ୍ଲା ଏହି ଜିଲ୍ଲାର ପଡ଼ୋଶୀ ଜିଲ୍ଲା ହୋଇଥିବାରୁ କନ୍ଧମାଳ ଜିଲ୍ଲାରେ ଏହାର ପ୍ରଭାବ ପଡ଼ିବାର ସମ୍ଭାବନା ଅଧିକ ଥାଏ । ତେଣୁ ଜିଲ୍ଲାବାସୀଙ୍କୁ ଏହାର ମୁକାବିଲା ପାଇଁ ପୂର୍ବରୁ ପ୍ରସ୍ତୁତ ରହିବା ନିହାତି ଜରୁରୀ । ବିଭାଗୀୟ ଅଧିକାରୀମାନଙ୍କ ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନାଗରିକ ସମାଜ, ଏପରିକି ଛାତ୍ର ଛାତ୍ରୀ ସମସ୍ତଙ୍କର ଏଥିରେ ଦାୟିତ୍ୱ ରହିଛି । କଟକ ସ୍ଥିତ ମୁଣ୍ଡୁଳି ତୃତୀୟ ବାଟାଲିଅନର ସବ-ଇନ୍ସପେକ୍ଟର ବାହାଦୁର୍ ସିଂ ପାଓ୍ୱାର ପଏଣ୍ଟ ମାଧ୍ୟମରେ ଟେବୁଲ୍ ଟପ୍ ଏକ୍ସରସାଇଜ୍, ମକ୍ ଏକ୍ସରସାଇଜ୍ ର ଲକ୍ଷ୍ୟ, ଏଥିପାଇଁ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବା, ନିଜ ନିଜର ଭୂମିକା ଓ ଦାୟିତ୍ୱ ନିର୍ବାହ, ଏନ୍.ଡି.ଆର୍.ଏଫ୍.ର ପ୍ରସ୍ତୁତି, ଭୁଷୁଡ଼ି ପଡ଼ିଥିବା ଭିଭୂମିର ସନ୍ଧାନ ଓ ଉଦ୍ଧାର ବେଳେ ନେବାକୁ ଥିବା ସତର୍କତା ଅବଲମ୍ବନ, ବିଭିନ୍ନ ବିଭାଗ ଓ ନାଗରିକ ସମାଜ ମଧ୍ୟରେ ସମନ୍ୱୟ ରକ୍ଷାକରି କିପରି ଉଦ୍ଧାର କାର୍ଯ୍ୟ ପରିଚାଳନା କରାଯିବ, ଏନ୍.ଡି.ଆର୍.ଏଫ୍.ର ଭୂମିକା ଇତ୍ୟାଦି ଉପରେ ଆଲୋଚନା କରିଥିଲେ । ଆସନ୍ତା କାଲି ପୂର୍ବାହ୍ନ ୧୦ଟା ବେଳେ ଫୁଲବାଣୀ ସ୍ଥିତ ସରକାରୀ ସ୍ୱୟଂଚାଳିତ ମହାବିଦ୍ୟାଳୟରେ ଭୁଷୁଡ଼ି ପଡ଼ିଥିବା ଭିଭୂମିର ସନ୍ଧାନ ଓ ଉଦ୍ଧାର (ସି.ଏସ୍.ଏସ୍.ଆର୍.) ଉପରେ ମକ୍ ଏକ୍ସରସାଇଜ୍ କରାଯିବ । ଜିଲ୍ଲା ଆପତ୍କାଳୀନ ଅଧିକାରୀ ରଞ୍ଜନ କୁମାର ମାର୍ଥା ତାଙ୍କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ । ଉକ୍ତ ବୈଠକରେ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ସମେତ ସଂପୃକ୍ତ ବିଭାଗୀୟ ସରକାରୀ ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟମାନେ ଉପସ୍ଥିତ ଥିଲେ ।

# ଫାର୍ମାସୀ ବିଦ୍ୟାର୍ଥୀମାନଙ୍କୁ ନ୍ୟାୟ ଦାବିରେ ଏବିଭିପିର ବିକ୍ଷୋଭ

ଭୁବନେଶ୍ୱର, ୦୯/୨ (ନି,ପ୍ର): ପୂର୍ବରୁ ଆୟୁର୍ବେଦିକ ଛାତ୍ରଛାତ୍ରୀ ମାନେ ଆନ୍ଦୋଳନ ରେ ବସିଥିଲେ ଏବେ ଫର୍ମାସି ବିଦ୍ୟାର୍ଥୀମାନେ ତାଙ୍କ ଅଧିକାର ପାଇଁ ରାଜ ରାସ୍ତାକୁ ଓହ୍ଲାଇଛନ୍ତି । ଗତ ୧୫ ଡିସେମ୍ବର ୨୦୨୩ ରେ ଓଡ଼ିଶା ସରକାର ଓଏସଏସଏସସି ଦ୍ୱାରା ୧୦୦୨ ଫାର୍ମାଶିଷ୍ଟ ପଦବୀ ପାଇଁ ବିଜ୍ଞପ୍ତି ବାହାର କରାଇଥିଲେ । ଯେଉଁଟା ଜୁନ ୨୦୨୩ ରେ ବାହାରିବାର ଥିଲା ବୋଲି ଓଏସଏସଏସସି କ୍ୟାଲେଣ୍ଡରରେ ମଧ୍ୟ ତାହା ଲିଖିତ ହେଇଥିଲା । ଏଥି ନିମନ୍ତେ ଡିସେମ୍ବର ୧୫ ରୁ ଜାନୁଆରୀ ୧୫ ପର୍ଯ୍ୟନ୍ତ ଆବେଦନ ପାଇଁ ତାରିଖ ଥିଲା । ଠିକ ୧୬ ଜାନୁଆରୀ ୨୦୨୪ ପୁଣି ଥରେ ଓଡ଼ିଶା ସରକାର ୧୦୦୨ ପଦକୁ କମାଇ ୨୦୬ ପଦ ପାଇଁ ବିଜ୍ଞପ୍ତି କରିଦେଲେ । ରାତାରାତି ୮୦% ପଦ ସଂଖ୍ୟା କମାଇଦିଆଗଲା । ୧୨ ଜାନୁଆରୀ ୨୦୨୪ ଶାଲିନି ପଣ୍ଡିତ, ସ୍ୱାସ୍ଥ୍ୟ ସଚିବ ଚିଠି ଲେଖିଥିଲେ ଡିଏମଇଟି ନିର୍ଦ୍ଦେଶକଙ୍କୁ, ଓଡ଼ିଶାରେ ଆଉଟସୋର୍ସିଂରେ ନର୍ସ, ଫାର୍ମାସିଷ୍ଟ ଓ ରେଡ଼ିଓଗ୍ରାଫର ପଦର ନିଯୁକ୍ତି ହେବ । ରାଜ୍ୟରେ ତୁରନ୍ତ ପୁଣି ଥରେ ୧୦୦୨ ପଦରେ ନିଯୁକ୍ତି କରିବା ସହ ସଠିକ୍ ଓ ସ୍ୱଚ୍ଛତା ର ସହ ନିଯୁକ୍ତି କରିବା ପାଇଁ ଆଜି ଏବିଭିପି ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ୍ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏବିଭିପିର ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ କହିଛନ୍ତି ରାଜ୍ୟ ସରକାର ଫାର୍ମାସୀ ଛାତ୍ରଛାତ୍ରୀ ଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ । ଅନ୍ୟଥା ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ।

# କୁହୁଡି ପଂଚାୟତରେ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର

କେନ୍ଦ୍ରାପଡ଼ା, ୦୯/୨ (ନି,ପ୍ର): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅଧିନ କୁହୁଡି ପଂଚାୟତରେ ପଂଚାୟତ ସ୍ତରୀୟ ଆମ ଓଡିଶା ନବୀନ ଓଡିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମାର୍ଶାଘାଇ ବିଡିଓ ରଶ୍ମିରେଖା ମଲିକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ, ପଂଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସରପଂଚ ପ୍ରଭାତ ରଂଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ୨୫ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ ସମ୍ମାନିୟ ଅତିଥି, ଜିଏସଏସ ଗୌରୀ ମହାରଣା, ପସଂଚାୟତ ସଂପ୍ରସାରଣ ଅଧିକାରୀ ନୀଶାନ୍ତ ସାହୁ, ଜିପିଓ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । କୁହୁଡି ପଂଚାୟତରେ ବିକାଶର ସାମୁହିକ ପ୍ରତିଫଳନ ଘଟିଥିବା ଅତିଥି ମାନେ ସୂଚନା ଦେବା ସହ ୫୦ ଲକ୍ଷ ଟଙ୍କା ବ୍ୟୟରେ ୧୬ଟି ପ୍ରକଳ୍ପ, ୧୩୭୦ ପରିବାର କୁ ବିଏସକେଓ୍ୱାଇ ଯୋଜନାରେ ଅନ୍ତର୍ଭୁକ୍ତ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ୨୫ ଲକ୍ଷ ଟଙ୍କା ସହାୟତା ଯୋଜନାରେ ପ୍ରକଳ୍ପ ନିର୍ମାଣ, କାଳିଆ ଯୋଜନାରେ ୧୧୭୯ ପରିବାର ଉପକୃତ ହେବା, ୧୦୨୧ ହିତାଧିକାରୀ ଙ୍କୁ ସାମାଜିକ ସୁରକ୍ଷା ଭତା, ୫୩ଟି ମିଶନଶକ୍ତି ଗୋଷ୍ଠୀଙ୍କୁ ୨୩୯.୮ ଲକ୍ଷ ଟଙ୍କା ବିନା ସୁଧରେ ଋଣ, ୧୩୭୦ ପରିବାରକୁ ରାସନ କାର୍ଡ, ୭୭ ଜଣ ଗର୍ଭବତୀ ମାହିଳାଙ୍କୁ ମମତା ସହାୟତା ରାଶି, ପଂଚାୟତରେ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତି କରଣ ଏବଂ ଫେବୃଆରୀ ମାସରୁ ଲକ୍ଷ୍ମୀ ବସ ସେବା କାର୍ଯ୍ୟକାରୀ ହେଉଥିବା ଅତିଥି ମାନେ ସୂଚନା ଦେଇଥିଲେ । ପଂଚାୟତ ରୂପାନ୍ତରୀ କରଣରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷ ଭୀ କାର୍ତିକେୟାନ ପାଣ୍ଡିଆନଙ୍କ ଯୁଗାନ୍ତକାରୀ ପଦକ୍ଷେପ ପାଇଁ କୃତଜ୍ଞତା ଜ୍ଞାପନ କରାଯଅଇ ଥିଲା । କାର୍ଯ୍ୟକ୍ରମରେ ବହୁ ମହିଳା, ଛାତ୍ରୀ ଓ ପଂଚାୟତ ବାସିନ୍ଦା ମାନେ ଅଂଶ ଗ୍ରହଣ କରିଥିଲେ ।

# ଗାଁକୁ ଯାଇ ମୋଦିଜୀଙ୍କ କୃଷକ କଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଂଚାଇବ ବିଜେପି

ଭୁବନେଶ୍ୱର, ୦୯/୨ (ନି,ପ୍ର): ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ କୃଷକମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ 'ଗ୍ରାମ ପରିକ୍ରମା ଯାତ୍ରା'ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଫେବୃୟାରୀ ୧୨ରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଭିଡିଓ କନଫରେନ୍ସି ମାଧ୍ୟମରେ କୃଷକମାନଙ୍କୁ ଉଦ୍‌ବୋଧନ ଦେବେ । ଏହି କାର୍ଯ୍ୟକ୍ରମ ଜରିଆରେ କୃଷକମୋର୍ଚ୍ଚା ଓଡ଼ିଶାର ୨୦ହଜାର ଗାଁକୁ ଯିବ ଏବଂ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ କୃଷକ କଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପହଂଚାଇବେ । ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପି ଚାଲିବ । ଆଜିର ବୈଠକରେ ୩୬ଟି ସାଂଗଠନିକ ଜିଲ୍ଲା ସଭାପତି, ରାଜ୍ୟ ପଦାଧିକାରୀ ସଂଯୋଜକ ଉପସ୍ଥିତ ଥିଲେ । ଗ୍ରାମ ପରିକ୍ରମା କାର୍ଯ୍ୟକ୍ରମର ଆବାହକ ଭାବରେ ଶ୍ରୀ ସାହୁ ୭ଜଣିଆ କମିଟି ଘୋଷଣା କରିଛନ୍ତି । ଗୋ ମାତା, ହଳ ଲଙ୍ଗଳ ଓ କୃଷି ଯନ୍ତ୍ରପାତି ଇତ୍ୟାଦି ପୂଜାରୁ "ଗ୍ରାମ ପରିକ୍ରମା ଯାତ୍ରା" ଶୁଭାରମ୍ଭ ଆରମ୍ଭ କରାଯିବ । ଯାତ୍ରା ମାଧ୍ୟମରେ କୃଷକ, କୃଷି ଶ୍ରମିକ ଗତ ୧୦ବର୍ଷର ଶାସନରେ ମୋଦି ସରକାର କୃଷକଙ୍କ ହିତ ପାଇଁ ସବୁ ଗ୍ୟାରେଂଟି ଯୋଜନାର ଚର୍ଚ୍ଚା ହେବ । ଏମାନଙ୍କୁ ମୋଦିଜୀଙ୍କ ସଂକଳ୍ପ ପତ୍ର ଦିଆଯିବ ଓ ସେମାନଙ୍କ ସମ୍ପର୍କରେ ଜଣାଯିବ । ଏହାପରେ ଘର ଘର ବୁଲି ଯୋଜନାର ଚିଠା ବିତରଣ କରାଯିବ । ପ୍ରତ୍ୟେକ ଦିନ ଗୋଟିଏ ଜିଲ୍ଲାର ୫ଟି ଗାଁରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି । ସାଂସଦ, ବିଧାୟକ, ନିର୍ବାଚିତ ପ୍ରତିନିଧି, ବିଜେପି ମଣ୍ଡଳ ଅଧ୍ୟକ୍ଷ, ଜିଲ୍ଲା ପଦାଧିକାରୀ, ସେବାନିଯୁକ୍ତ କର୍ମଚାରୀ, ଓକିଲ, ଡାକ୍ତର, ପୂର୍ବତନ ସୈନିକ, ବରିଷ୍ଠ ବିଜେପି କୃଷକମୋର୍ଚ୍ଚା କାର୍ଯ୍ୟକର୍ତା, ଗ୍ରାମ ପଂଚାୟତର ବରିଷ୍ଠ ତଥା ପ୍ରଭାବଶାଳୀ ବିଶିଷ୍ଟ ନାଗରିକମାନେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ହେବେ । ଏହି ବୈଠକରେ ବିଜେପି କୃଷକମୋର୍ଚ୍ଚା ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ସ୍ୱାଇଁ, ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ଜେନା, ସୂର୍ଯ୍ୟନାରାୟଣ ମହାପାତ୍ର, ମନୋଜ ସାହୁ, ପ୍ରଦୀପ ପଣ୍ଡା, ବିକ୍ରମକେଶରୀ ରାଉତରାୟ, ଉପେନ୍ଦ୍ର ରାଉଳ, ପାଣ୍ଡବ ଧଳ, ଶ୍ରୀଧର ପ୍ରଧାନ, କେଶରୀ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡ଼ା, ୦୯/୨ (ନି,ପ୍ର): ରାଜ୍ୟ ଭିନ୍ନକ୍ଷମ କମିସନର ଶ୍ରୀମତୀ ବ୍ରତତୀ ହରିଚନ୍ଦନଙ୍କ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତ ଶେଷ ହୋଇଛି । ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କ ଅଧିକାର ଓ ଥଇଥାନ ପାଇଁ ଉତ୍ସର୍ଗୀକୃତ ଅନୁଷ୍ଠାନ 'ପୁନର୍ବାସ'ର ଥେରାପି କେନ୍ଦ୍ର ସେ ପରିଦର୍ଶନ କରିଥିଲେ । ଥେରାପି ସେବା ସମ୍ପର୍କରେ ପଚାରି ବୁଝିବା ସହ ସ୍ୱତନ୍ତ୍ରକ୍ଷମ ମାନଙ୍କ ସହ କିଛି ସମୟ କାଟିଥିଲେ । ସ୍ଥାନୀୟ ଅମର ଉଦ୍ୟାନଠାରେ ପୁନର୍ବାସ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଭିନ୍ନକ୍ଷମ ପିଲାମାନଙ୍କୁ ଓ ସେମାନଙ୍କ ଅଭିଭାବକଙ୍କ ସମ୍ମୁଖରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ପୀତାମ୍ବର ସାମଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ ଚନ୍ଦ୍ର ଦାସ, ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡକ୍ଟର ବିରଜା ରାଉତରାୟ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଫୋରଡ ଉନ୍ନୀତ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ

କେନ୍ଦ୍ରାପଡ଼ା, ୦୯/୨ (ନି,ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପ ।ୟତର ଫୋରଡ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ହିରଣ୍ୟ ବାରିକ, ପୂର୍ବତନ ଶିକ୍ଷା ପରିଦର୍ଶକ ହେମନ୍ତ କୁମାର ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ଚି ରଞ୍ଜନ ଜେନା, ସରପ ସରୋଜିନୀ ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୂର୍ବତନ ପ୍ରଧାନ ଶିକ୍ଷକ ଚି ରଞ୍ଜନ ଜେନାଙ୍କୁ ଏହି ଅବସରରେ ପୁଷ୍ପଗୁଚ୍ଛ ଓ ଉ ରୀୟ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନର ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୦୯/୨ (ନି,ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ପ୍ରମିଳାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ' ଟିସୁ କଲଚର୍' ଶୀର୍ଷକ ସେମିନାର୍ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ଼ ଗୌତମ ଚରଣ ଦାସ । ବିଷୟ ବିଶାରଦ ଭାବେ ଯୋଗଦେଇ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଧ୍ୟକ୍ଷା ଡ଼ ପ୍ରମିଳାରାଣୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟା ରାଜେଶ୍ୱରୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପିକା ଶୁଭସ୍ମିତା ଦାସ ଧନ୍ୟବାଦ ଦେଇଥିବା ବେଳେ କାର୍ଯ୍ୟକ୍ରମରେ ଅଧାପକ ସଭାଚନ୍ଦ୍ର ବିଶ୍ୱାଳ , ସୋନି ନମ୍ରତାମୟୀ ମହାପାତ୍ର ଓ ରାଜୀବ କୁମାର ସ୍ୱାଇଁ ସହଯୋଗ କରିଥିଲେ । ବହୁସଂଖ୍ୟାରେ ଛାତ୍ରୀମାନେ ଯୋଗଦେଇ ଆଲୋଚନା ଚକ୍ରକୁ ସଫଳ କରିଥିଲେ ।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ପୁରୀ, ୦୯/୨ (ନି,ପ୍ର): ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାର୍ଷିକ ପୁରସ୍କାର ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପୌରସଦସ୍ୟ ଭକ୍ତଚରଣ ଦାସ,ବଡ଼ଦାଣ୍ଡ ମେଡ଼ିକାଲ ଅଫିସର ଆଦର୍ଶ ମହାନ୍ତି,ଶ୍ରୀମନ୍ଦିର ପ୍ରଶାସନିକ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ମେଡ଼ିକାଲ ଅଫିସର ପଲ୍ଲବୀ ପ୍ରିୟମ୍ବଦା,ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତପନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଶୈକ୍ଷିକ ବାତାବରଣ ସଂପର୍କରେ ଆଲୋକପାତ କରିଥିଲେ ।

## ଦୀର୍ଘସ୍ଥାୟୀ ଜୈବିକ କୃଷି ଓ କୃଷିନୀତି

**ଲାଭଜନକ ତଥା ଦୀର୍ଘସ୍ଥାୟୀ କୃଷି ପାଇଁ ବନ୍ୟଜନ୍ତୁ ସମୁହ ତଥା ଅଗଣିତ ଜଙ୍ଗଲ ଗୁଳ୍ମ, ଫୁଲ ତଥା ବୃକ୍ଷ ଆଦିର ଉପାଦେୟତାକୁ ଚାଷୀଭାଇ ଭୁଲିଯାଇଛନ୍ତି। ଆଜିର କୃଷି ବୈଷୟିକ ଜ୍ଞାନ ସୀମିତ ଭାବେ ପ୍ରୟୋଗ କରାଯାଉଛି।**

କାଁ ଭାଁ କୌଣସି ଗୋଟିଏ ଫସଲ ଉପରେ ପରୀକ୍ଷା ନକରି କିମ୍ବା କେବଳ ଅମଳ ବୃଦ୍ଧି ଉପରେ ଦୃଷ୍ଟି ନଦେଇ ଆମମାନଙ୍କୁ କୃଷି ପରିବେଶ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ହେବ। ଆମ ଦେଶରେ ଜି.ଆର.ଆୟାଙ୍ଗାର ନାମକ ଜଣେ ଜୈବିକ ଚାଷୀ କୁହନ୍ତି, ଆମମାନଙ୍କ ମଧ୍ୟରୁ ଖୁବ୍ ଅଳ୍ପ କେତେକ ଅନୁଭବ କରନ୍ତି ଯେ ଆଧୁନିକ କୃଷିବିଜ୍ଞାନ କୌଶଳ କିପରି ଆମର ଅଶେଷ କ୍ଷତି କରିଚାଲିଛନ୍ତି। ଲାଭଜନକ ତଥା ଦୀର୍ଘସ୍ଥାୟୀ କୃଷି ପାଇଁ ବନ୍ୟଜନ୍ତୁ ସମୁହ ତଥା ଅଗଣିତ ଜଙ୍ଗଲୀ ଗୁଳ୍ମ, ଫୁଲ ତଥା ବୃକ୍ଷ ଆଦିର ଉପାଦେୟତାକୁ



ଚାଷୀଭାଇ ଭୁଲିଯାଇଛନ୍ତି। ଆଜିର କୃଷି ବୈଷୟିକ ଜ୍ଞାନ ସୀମିତ ଭାବେ ପ୍ରୟୋଗ କରାଯାଉଛି। ଜୀବମାନଙ୍କ ପ୍ରତି ବ୍ୟବହାର ମଧ୍ୟ ସୀମିତ, ଯଦ୍ୱାରା ଆଜିର ପ୍ରକୃତିର ଭାରସାମ୍ୟରେ ବିଶୃଙ୍ଖଳା ଦେଖାଦେଇଛି। ପ୍ରକୃତିର ବିଭିନ୍ନ ଉପାଦାନ ମଧ୍ୟରେ ଥିବା ପରସ୍ପର ସହଯୋଗ ପ୍ରବୃତ୍ତି, ଯଥା ଫୁଲ ଓ ରେଣୁ ସମ୍ପର୍କ କିମ୍ବା ମୃତ୍ତିକା ଓ ଅଣୁଜୀବଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଖୁବ କମ ଲୋକ ଅନୁଭବ କରନ୍ତି। ଏ କ୍ଷେତ୍ରରେ ପ୍ରକୃତିର ଖାଦ୍ୟ ଶୃଙ୍ଖଳରେ ପରିବେଶର ଭାରସାମ୍ୟ ରକ୍ଷା ପ୍ରତି ଦୃଷ୍ଟିଦେବାକୁ



ହେବ।

ଆଜିର ଦିନରେ ବର୍ଷବର୍ଷଧରି ଚାଲିଥିବା ମୃତ୍ତିକାକ୍ଷୟ ରୋକିବା ଲାଗି କେତେକ ଦୃଢ଼ ପଦକ୍ଷେପ ନେବାକୁ ହେବ, ଏଥିପ୍ରତି ସ୍ୱାର୍ଥାନ୍ୱେଷୀ ତଥା ପ୍ରତିପତ୍ତିଶାଳୀଙ୍କ ତରଫରୁ ଯେତେ ବାଧାବିଘ୍ନ ଆସୁନା କାହିଁକି ଏଥିପାଇଁ ସମୟୋଚିତ ପଦକ୍ଷେପ ଏକାନ୍ତ ଆବଶ୍ୟକ। ଆଗାମୀ କେତେ ପିଢ଼ିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମେ ବହୁମୂଲ୍ୟ ଚାଷଜମି ମାଟିମାର ସୁରକ୍ଷା ଅତ୍ୟନ୍ତ ଜରୁରୀ।

ରୁଷ ବିଶେଷଜ୍ଞ ବି.ଜେଡ୍ ରୋଜାନନଙ୍କ ମତରେ କୃଷିର ଉଦ୍ଦେଶ୍ୟ କେବଳ ଅମଳ ବୃଦ୍ଧିରେ ସୀମିତ ନୁହେଁ, ବରଂ ମୃତ୍ତିକାର ଲଗାତାର ଉର୍ବରତା ପରିଚାଳନା ତଥା ସୁରକ୍ଷା ପ୍ରତି କେନ୍ଦ୍ରିତ। ନଚେତ୍ ଆମର ସନ୍ତାନସନ୍ତତି, ନାତି, ଅଣନାତିଙ୍କ ନ୍ୟାୟତଃ ଭାଗକୁ ଆମେ ଖୁବ୍ କମ ଦିନରେ ଖାଇ ସାରିଦେବା। ଏବେଠାରୁ ଏ ଦିଗ ପ୍ରତି ଯତ୍ନଶୀଳ ହେବାକୁ ହେବ। ବୈଜ୍ଞାନିକମାନେ ଏ ଦିଗ ପ୍ରତି ଦୃଷ୍ଟିଦେବେ କି ?

ସେହିଭଳି ବିଶ୍ୱ ପରିବେଶ ଓ ଉନ୍ନୟନ କମିଶନଙ୍କ ମତରେ ବିଧାନ (କପଲଶା ହଫାଶିଟ), ନୀତି ବା ଦୂରଦର୍ଶୀତା (ଡୁହଶଭଃ) ତଥା ଗବେଷଣା-ରସାୟନ ବା କମ ରସାୟନ ବ୍ୟବହାର ପନ୍ଥା (ଯାହା ଦୀର୍ଘସ୍ଥାୟୀ) ଉପରେ ପର୍ଯ୍ୟବସିତ ବା କମ ରସାୟନ ବିଶ୍ୱ ସମ୍ବଳ ରିପୋର୍ଟ କହେ ଯେ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ସବୁର ଆଜିର କୃଷି ପଦ୍ଧତି କୃଷକମାନଙ୍କୁ ପରିବେଶ ନଷ୍ଟ କଲାଭଳି କାର୍ଯ୍ୟକଳାପ କରିବା ପାଇଁ ପ୍ରୋତ୍ସାହିତ କରିଚାଲିଛି। ଉଦାହରଣ ସ୍ୱରୂପ ଆମେରିକାରେ କୃଷକମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ (ଏକକ ଫସଲ ପାଇଁ) ଦୀର୍ଘସ୍ଥାୟୀ ଫସଲ ପର୍ଯ୍ୟାୟ ଅନୁସରଣ ତଥା କମ୍ ରାସାୟନିକ ବ୍ୟବହାର ବିରୋଧରେ ଉଦ୍ଦିଷ୍ଟ। ସେହିଭଳି ୟୁରୋପରେ ଆର୍ଥିକ ନୀତି ଡାଲିଜାତୀୟ ଫସଲ ଅମଳକୁ ହତୋତ୍ସାହିତ କରୁଅଛି। ଯଦିଓ ମିଶ୍ରିତ ଫସଲ ସହ ପ୍ରାଣୀପାଳନ ହିଁ ପରିବେଶ ଅନୁକୂଳ ଦୀର୍ଘସ୍ଥାୟୀ କୃଷି ଉପଯୋଗୀ, ବିକୃତ ଆର୍ଥିକ କାଞ୍ଚା କୃଷିକୁ କେବଳ ଅମଳ ବୃଦ୍ଧ ଭଳି ଏକ ନିର୍ଦ୍ଦିଷ୍ଟ ଦିଗକୁ ଟାଣିନେବାରେ ଲାଗିଛି।

ଏକ ସୁସ୍ଥ ଖାଦ୍ୟ ତଥା କୃଷି



କାର୍ଯ୍ୟକ୍ରମ କହେ- ଏହା କୃଷକ ସମାଜର ପ୍ରତ୍ୟେକ ସଭ୍ୟଙ୍କ ପାଇଁ ସନ୍ତୋଷଜନକ ଜୀବନଧାଣର ମାନ ଯୋଗାଇ ଦେଉଥିବ, ତଥା ପ୍ରତ୍ୟେକ ସାମଗ୍ରିକ ଭାବେ ଉତ୍ତମ ପୁଷ୍ଟିକାରକ ଖାଦ୍ୟ



ପାଇପାରୁଥିବ। ଏପରିକି ଗୋମଙ୍ଗଳ ତଥା ଭବିଷ୍ୟତ ବଂଶଧରଙ୍କ ପାଇଁ ମୃତ୍ତିକା ଓ ଏହାର ଉତ୍ପାଦିକା ଶକ୍ତି ରକ୍ଷା କରିପାରୁଥିବ।

କୃଷିର ଏହି ମୂଳମନ୍ତ୍ରକୁ ବୁଝିବା ଶକ୍ତି ଆଜି କାହିଁକି କେଜାଣି ଅଲୋଡ଼ା। ଏ ବିଷୟରେ ଆମେରିକାର ଜଣେ କୃଷକ ତଥା ଲେଖକ ଯୁକ୍ତି ବାଢ଼ନ୍ତି ଯେ ମୁକ୍ତ ବଜାର ବ୍ୟବସ୍ଥା ଅର୍ଥନୈତିକ ଶକ୍ତିଙ୍କର ଏକ ଉଚ୍ଛୃଙ୍ଖଳ ଖେଳ- କୃଷି ପାଇଁ ଜଳ, କାରଣ କୃଷି ପାଇଁ ଆବଶ୍ୟକ ବସ୍ତୁସକଳକୁ ମୂଲ୍ୟଯୁକ୍ତ କରିବା ପାଇଁ ଏହା ଅକ୍ଷମ। ଏହା କୃଷି ଉତ୍ପାଦନର ମୂଲ୍ୟ ଅଧିକ କରିପାରେ, ମାତ୍ର ଏହି ଉତ୍ପାଦନ ପାଇବା ପାଇଁ ଦରକାରୀ କଞ୍ଚାମାଲ (ପ୍ରକୃତ ଉପାଦାନ) ଯଥା, ଉପରସ୍ତରର ମାଟି, ପରିବେଶ, କ୍ଷେତ,



କୃଷକ ପରିବାର ତଥା କୃଷକ ସମାଜକୁ କୌଣସି ମୂଲ୍ୟ ଦେଇପାରେ ନାହିଁ। ବାସ୍ତବ କ୍ଷେତ୍ରରେ ବଜାରକୁ ଦୃଷ୍ଟିରେ ରଖି ଚାଷ କରୁଥିବା କୃଷକ, ଉତ୍ପାଦ ଓ ଉତ୍ସ ମଧ୍ୟରେ ଥିବା ସମ୍ପର୍କକୁ ବୁଝିପାରନ୍ତି

ନାହିଁ। ସେମାନେ ବିଶ୍ୱାସ କରନ୍ତି ଯେ, ଏହି ସମ୍ପର୍କ କେବଳ ଯାନ୍ତ୍ରିକ, କାରଣ ସେମାନେ କୃଷିକୁ ଶିଳ୍ପବୋଲି ଧରିନେଇଛନ୍ତି। ଅନ୍ୟ କିଛି ସମାଧାନ ହେବାପାଇଁ ମୁକ୍ତ ବାଣିଜ୍ୟ ଅକ୍ଷମ।

ଏଭଳି ଭାବେ ଅନେକ କାରଣ ରହିଛି, ଯେଉଁଥିପାଇଁ ଅର୍ଥନୀତି ବିଶେଷଜ୍ଞ ତଥା ସେମାନଙ୍କ ଠାରୁ ପରାମର୍ଶ ପାଉଥିବା ରାଜନେତାମାନେ କୃଷି କାର୍ଯ୍ୟକ୍ରମରେ ଠିକ୍ ସମାଧାନ ପନ୍ଥାପାଇପାରୁନାହାନ୍ତି। ଏହା ମଧ୍ୟ ସୂଚାଇଦିଏ ଯେ, ଆମ ପାଖରେ ଦୀର୍ଘସ୍ଥାୟୀ କୃଷି କାର୍ଯ୍ୟକ୍ରମର ଯଥେଷ୍ଟ ପନ୍ଥାଥିଲେ ମଧ୍ୟ ସରକାର ସେସବୁକୁ ଲାଗୁ କରିବାକୁ କାହିଁକି ଅସହାୟ।

ଏଠାରେ ଏକ ପୁରୁଣା କଥା ମନେପଡ଼େ। ଥରେ ଗଣ୍ଠିବାତ ଯନ୍ତ୍ରଣା ଭୋଗୁଥିବା ଗୋଟିଏ ଶତପଦା ପୋକ (ତେନ୍ତୁଳିଆ ବିଛା ହୋଇପାରେ) ବଣ ଭିତରେ ଜ୍ଞାନଭାବେ ବିଖ୍ୟାତ ପେଚା ଆଗରେ ପହଞ୍ଚ ଯନ୍ତ୍ରଣାରୁ ରକ୍ଷା ପାଇବାର ଉପାୟ ପଚାରିଲା। ପେଚାର ଉପଦେଶ ହେଲା ଯଦି ଗୋଡ଼ ସଂଖ୍ୟା ଶହେରୁ ପଚାଶ, ଦଶ କିମ୍ବା ଦୁଇକ କମାଇ ଦିଆଯିବ, ତେବେ ଯନ୍ତ୍ରଣା ଆପଣାଛାଏଁ ଅଠାନବେ ଭାଗ ପର୍ଯ୍ୟନ୍ତ କମିଯିବ। ଗୋଡ଼ ସଂଖ୍ୟାକୁ କିପରି କମାଇ ଦିଆଯିବ ସେକଥା ଜାଣିବାକୁ ଚାହିଁବାରୁ ପେଚାର ଉତ୍ତର ହେଲା ସମାଧାନ ବତାଇ ଦେବା ହେଲା ମୋର କାମ, ସମାଧାନ କିପରି କାର୍ଯ୍ୟକାରୀ ହେବ ସେଇଟା ମୋର ଦାୟିତ୍ୱ ନୁହେଁ। ଆମ ଅବସ୍ଥା ସେହିଭଳି।

ପରସ୍ପର ବୁଝାମଣା ସବୁସମସ୍ୟା ସମାଧାନର ସୂତ୍ରବୋଲି ଆମେ ଜାଣିଛୁ। କିନ୍ତୁ ସେ ସବୁ ବୁଝାମଣା ଯେ କାର୍ଯ୍ୟକାରୀ ହୋଇପାର



ନାହିଁ, ଏହା ଏକ ନିର୍ମମ ବାସ୍ତବତା।

ତେଣୁ ଆଜିର ଦିନରେ ଏକ ଦୃଢ଼ ଇଚ୍ଛାଶକ୍ତି ସହ ନିର୍ଦ୍ଦିଷ୍ଟ ପ୍ରଣୟନର ସମୟ ଆସିଯାଇଛି।

## ଲେଉଟିଆ ଶାଗ

ଲେଉଟିଆ ଶାଗ ସାଧାରଣତଃ ଖରାଦିନେ ଚାଷ କରାଯାଇଥାଏ। ଏଥିଲାଗି ୫ ଫୁଟ (୧.୫ମିଟର) ଲମ୍ବ ଓ ୪ ଫୁଟ (୧.୨୦ମିଟର) ଓସାରର ଛୋଟଛୋଟ ପଟାଳି କରି ତାର ଚାରିପଟେ ହୁଡ଼ା ଟେକି ଦିଅନ୍ତୁ। ମାଟିକୁ ହାଣି ଭଲଭାବରେ ଗୁଣ୍ଡକରି ଅନାବନା ଘାସ ସବୁ ବାଛି ପ୍ରତ୍ୟେକ ପଟାଳିରେ ଝୁଡ଼ିଏ ବା ଦୁଇ ଝୁଡ଼ି ଶୁଖିଲା ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ । ଏକରକୁ ୪ ରୁ ୬ କେଜି ମଞ୍ଜି ଯୋଗାଡ଼ କରନ୍ତୁ। ଶାଗ ମଞ୍ଜିଗୁଡ଼ିକ ଛୋଟଛୋଟ ହୋଇଥିବା ଯୋଗୁଁ କିଛି ରଗଡ଼ା ବାଲି ମିଶାଇ ଯତ୍ନ ସହକାରେ ପତଳା କରି ସବୁଆଡ଼େ ସମାନ ଭାବରେ ବୁଣନ୍ତୁ। ମଞ୍ଜି ବୁଣିବା ପରେ ମାଟିକୁ ଟିକିଏ ହାତରେ ଏପଟ ସେପଟ ଚଲାଇ ପଟାଳିକୁ ପାଳ ବା ନଡ଼ା ଦ୍ୱାରା ଘୋଡ଼ାଇ ପାଣି ଛିଂଚି ଦିଅନ୍ତୁ। ମଞ୍ଜି ଗଜା ହୋଇ ଆସିଲେ ନଡ଼ା ବାହାର କରି ଦିଅନ୍ତୁ। ତଳିଗୁଡ଼ିକ ୧୨-୧୫ ଦିନର ହୋଇଗଲେ ତାକୁ ନେଇ ଅନ୍ୟତ୍ର ରୋଇବାକୁ ପଡ଼େ। ରୋଇବା



ସମୟରେ ଧାଡ଼ିକୁ ଧାଡ଼ି ୭୫ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନ ରଖନ୍ତୁ। ନିୟମିତ ସାର ଦେଇ ପାଣି ମଡ଼ାଇଲେ ୪ମାସ ପର୍ଯ୍ୟନ୍ତ ଶାଗ କଟାଯାଇପାରିବ। ବୁଣିବାର ମାସକ ପରେ କାଟିବା ଆରମ୍ଭ ହୁଏ। ପରେ ପ୍ରତି ୧୫ଦିନ ଅନ୍ତରରେ କାଟିବାକୁ ପଡ଼ିଥାଏ।

## ବିପି ବଢିଗଲେ ଏହି ସବୁ ଲକ୍ଷଣ ଦେଖାଦିଏ

**ବର୍ତ୍ତମାନ ସମୟରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ହାଇ ବିପି ବା ଉଚ୍ଚ ରକ୍ତଚାପ ଅନ୍ୟତମ। ଏହା ଗୋଟିଏ ଦିନରେ ଆରମ୍ଭ ହୁଏ ନାହିଁ, ଦୀର୍ଘ ଦିନର ଖରାପ ଜୀବନଶୈଳୀ ଏବଂ ଖାଇବା ଅଭ୍ୟାସ କାରଣରୁ ଏପରି ହୋଇଥାଏ। ନିୟମିତ ଭାବେ ଏହି ସମସ୍ୟା ଦେଖାଯିବା, ସ୍ୱାସ୍ଥ୍ୟ ପାଇଁ ହାନିକାରକ। କେଉଁ ସବୁ ଲକ୍ଷଣ ଉଚ୍ଚ ରକ୍ତଚାପ ସମୟରେ ଦେଖାଯାଏ, ଜାଣନ୍ତୁ...**



### ଉଚ୍ଚ ରକ୍ତଚାପର ୫ ଲକ୍ଷଣ

ମୁଣ୍ଡବିନ୍ଧା : ରକ୍ତଚାପ ବଢିଗଲେ ପ୍ରବଳ ମୁଣ୍ଡବିନ୍ଧା ହୋଇଥାଏ। ବିପି ବୃଦ୍ଧି କାରଣରୁ ସୃଷ୍ଟି ହୋଇଥିବା ଚାପ ମସ୍ତିଷ୍କ ଶୀର ଉପରେ ପ୍ରଭାବ ପକାଏ। ଫଳରେ ମୁଣ୍ଡବିନ୍ଧା ଲକ୍ଷଣ ଦେଖାଯାଏ।

ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା: ପାହାଚ ଚଢିବା ବେଳେ କିମ୍ବା ଚାଲିବା ସମୟରେ ଯଦି ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଅନୁଭବ କରନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ। ଯେତେବେଳେ ହୃଦୟ ଠିକ୍ ଭାବରେ କାମ କରିନଥାଏ ଏହି ସମସ୍ୟା ହୁଏ।

ନାକରୁ ରକ୍ତ ପଡିବା: ନାକରୁ ରକ୍ତସ୍ରାବ ହେଉଥିଲେ, ଆଦୌ ଅଣଦେଖା କରନ୍ତୁ ନାହିଁ। ଉଚ୍ଚ ରକ୍ତଚାପ କାରଣରୁ ଏହା ହୋଇପାରେ। ବାସ୍ତବରେ, ଯେତେବେଳେ ରକ୍ତଚାପ ଅଧିକ ଥାଏ, ନାକର ପତଳା ଝିଲ୍ଲି ଫାଟିଯିବାର ଆଶଙ୍କା ଥାଏ। ଫଳରେ ରକ୍ତସ୍ରାବ ହୁଏ। ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କୁ ଭେଟନ୍ତୁ।

ଝଟକା ଲାଗିବା: ଅଧିକ ବିପି କାରଣରୁ ବେଳେ ବେଳେ ମୁଣ୍ଡ ବୁଲାଇ ଦେଇ ଝଟକା ଲାଗିପାରେ। ଷ୍ଟ୍ରୋକ୍ କାରଣରୁ ବି ଏପରି ଲକ୍ଷଣ ଦେଖା ଦେଇପାରେ। ଏହିପରି ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ।

ଛାତି ଯନ୍ତ୍ରଣା: ଛାତି ଯନ୍ତ୍ରଣା ଉଚ୍ଚ ରକ୍ତଚାପର ଅନ୍ୟ ଏକ ଲକ୍ଷଣ। ଏହି ଲକ୍ଷଣକୁ ଅଣଦେଖା କରିବା ସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦ ହୋଇପାରେ। ତେଣୁ, ସଠିକ୍ ସମୟରେ ଚିକିତ୍ସା କରାଇନିଅନ୍ତୁ।

## ଅଦା



ଏପ୍ରିଲ ଓ ମେ ମାସରେ ଅଦା ଲଗାଯାଏ। ସୁପ୍ରଭା, ସୁରୁଚି, ସୁରଭି ନାମରେ ତିନୋଟି ଅଦା କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ୧ ଏକର ଜମି ପାଇଁ ୬-୮ କୁଇଣ୍ଟାଲ ଅଦାଖଣ୍ଡ ଦରକାରହୁଏ। ଏହି ଖଣ୍ଡଗୁଡ଼ିକ ୨-୩ଟି ଆଖି ଥାଇ ୧୫ ରୁ ୧୯ ଗ୍ରାମ ଓଜନ ରଖି କାଟନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ ଗ୍ରାମ ମାଙ୍କୋଜେବ ଔଷଧ ଗୁଣ୍ଡ, ୧୦ଗ୍ରାମ କାର୍ବେଣ୍ଡାଜିମ ଗୁଣ୍ଡ ଓ ୫ ମିଲି ମାଲାଥିନ ଔଷଧ ଗୋଳାଇ ଏଥିରେ ପ୍ରାୟ ୫୦ କିଗ୍ରା ଅଦାଖଣ୍ଡ ବିଶୋଧନ କରନ୍ତୁ। ଏହାପରେ ଅଦାଖଣ୍ଡଗୁଡ଼ିକୁ ଛାଇରେ ଶୁଖାନ୍ତୁ। ଶେଓଡ଼ ଚାଷବେଳେ ଏକର ପ୍ରତି ୧୨ଗାଡ଼ି (୬ଟନ୍) ଓ ଅଦାଖଣ୍ଡ ଲଗାହେବା ପରେ ସିଆର ଓପଟାଳିରେ ୧୨ଗାଡ଼ି ଗୋବର ଖତ ଦିଅନ୍ତୁ। ୧ ଏକର ପ୍ରତି ୫୦ କିଗ୍ରା ଯବକ୍ଷାରଜାନ, ୪୦ କିଗ୍ରା ଫସଫରସ, ୪୦ କିଗ୍ରା ପଟାସ ତିନିଥରରେ ଦିଅନ୍ତୁ। ପ୍ରଥମଥର ସମୁଦାୟ ୪୦କିଗ୍ରା ସୁପର ଫସଫେଟ ଓ ଅଧା ମ୍ୟୁରିଏଟ ଅଫ ପଟାସ ଦିଆଯାଇ ଅଦା ଲଗାନ୍ତୁ। ପଟାଳିମାନଙ୍କର ମୂଳସାର ଭଲଭାବେ ଉପର ମାଟିରେ ମିଶେଇବା ପରେ ଅଦାଖଣ୍ଡଗୁଡ଼ିକୁ ଧାଡ଼ି ଧାଡ଼ି କରି ୨୫ ସେମି ଦୂରତା ରଖି ୫ ସେମି ଗଭୀରରେ ପଟାଳିମାନଙ୍କରେ ଲଗାନ୍ତୁ। ଲଗାହେବା ପରେ ପଟାଳିକୁ ଶୁଖିଲା ନଡ଼ା, ତାଳପତ୍ର ବା ଘାସ (ମଲଚିଙ୍ଗ) ଦ୍ୱାରା ୨ ଇଞ୍ଚ ବହଳରେ ଘୋଡ଼େଇ ଦିଅନ୍ତୁ। ଅଦା ଲଗାହେବା ପରେ ଏକର ପ୍ରତି ୧୦ଟନ ମଲଚିଙ୍ଗ ବା ଶୁଖିଲା ନଡ଼ା ଦିଅନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମରୂପତାର ବାସ୍ତବତା...

ଏକକ ନାଗରିକ ସଂହିତା (ୟୁନିଫର୍ମ ସିଭିଲ କୋଡ୍- ୟୁସିସି) ବିଲ୍,୨୦୨୪- ବିଜେପି ଦ୍ୱାରା ଦଶନ୍ଧି ଦଶନ୍ଧି ଧରି ବହନ କରାଯାଇଥିବା ତିନିଗୋଟି ଆଦର୍ଶବାଦୀ ଲକ୍ଷ୍ୟ ମଧ୍ୟରୁ ଗୋଟିଏ, ଯାହାକୁ ଚଳିତ ସପ୍ତାହରେ ବୁଧବାର ଦିନ ପ୍ରଥମଥର ପାଇଁ ଦେଶର ଏକ ରାଜ୍ୟ ଉତ୍ତରାଖଣ୍ଡର ସରକାର ତାଙ୍କ ବିଧାନସଭାରେ ପାରିତ କରିଛନ୍ତି। ତେବେ ସମ୍ପୃକ୍ତ ରାଜ୍ୟ ସରକାରଙ୍କର ଏହି କାର୍ଯ୍ୟ ଆମ ସମ୍ବିଧାନ-ନିର୍ମାତାମାନେ ଦେଇଥିବା ପ୍ରସ୍ତାବର ବିରୋଧାଚରଣ କରୁଥିବା ଭଳି ମନେହୁଏ, ଯେତେବେଳେ କି ସେମାନେ ସମ୍ବିଧାନର ଏକ ଅଂଶ ଭାବରେ ରାଷ୍ଟ୍ରର ନୀତି ନିର୍ଦ୍ଦେଶକ ସିଦ୍ଧାନ୍ତ ବା ଡିରେକ୍ଟିଭ୍ ପ୍ରିନ୍ସିପଲସ୍ ଅଫ୍ ଷ୍ଟେଟ୍ ପଲିସିରେ ଅନୁଚ୍ଛେଦ ୪୪କୁ ଯୋଗ କରିଥିଲେ। ଏହି ଅନୁଚ୍ଛେଦ ଉଲ୍ଲେଖ କରେ, 'ରାଷ୍ଟ୍ର ସମଗ୍ର ଭାରତର ସୀମା ମଧ୍ୟରେ ନାଗରିକମାନଙ୍କ ନିମନ୍ତେ ଏକକ ନାଗରିକ ସଂହିତା ହାସଲ କରିବାକୁ ଉଦ୍ୟମ କରିବ।' ତେଣୁ ଦେଶର ପ୍ରତ୍ୟେକ ରାଜ୍ୟ ଯେତେବେଳେ ଏହାଙ୍କର ନିଜର ୟୁସିସି ପ୍ରସ୍ତୁତ କରୁଛନ୍ତି, ତାହା କିପରି ସମ୍ବିଧାନରେ ଉଲ୍ଲେଖ କରାଯାଇଥିବା ୟୁସିସିର ସଂଜ୍ଞା ମଧ୍ୟରେ ପରିସରଭୁକ୍ତ ହେବ, ଯାହା ନିର୍ଦ୍ଦିଷ୍ଟ ଭାବରେ 'ସମଗ୍ର ଭାରତର ସୀମା ମଧ୍ୟରେ' କାର୍ଯ୍ୟକାରୀ ହେବ ବୋଲି ପ୍ରକାଶ କରିଛି, ତାହା ବର୍ତ୍ତମାନ ବିଜେପି-ଯାହା କେବଳ ଉତ୍ତରାଖଣ୍ଡରେ ନୁହେଁ, କେନ୍ଦ୍ରରେ ମଧ୍ୟ ଶାସନ କ୍ଷମତାରେ ଅଛି, ତା' ଉପରେ ନିର୍ଭର କରୁଛି ସମଗ୍ର ଭାରତବାସୀଙ୍କୁ ଏହାକୁ ବୁଝାଇବାର । ବସ୍ତୁତଃ, ଉତ୍ତରାଖଣ୍ଡ ୟୁସିସି ରାଜ୍ୟର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଏହାର ପରିସର ମଧ୍ୟରୁ ବାଦ୍ ଦେଇଛି, ଯାହା ଏକ ଛୋଟ ରାଜ୍ୟରେ ମଧ୍ୟ ସଂଖ୍ୟାଲଘୁମାନଙ୍କ କ୍ଷେତ୍ରରେ ଏକକ ନାଗରିକ ସଂହିତା ଲାଗୁ ନ କରି ସେମାନଙ୍କୁ ପ୍ରତାରିତ କରିଛି ବୋଲି କୁହାଯାଇପାରେ। ପୁନଶ୍ଚ, ଏଥରେ ଏକ ବିବାଦୀୟ ପ୍ରସଙ୍ଗ ମଧ୍ୟ ରହିଛି, ଯାହା ଲିଭ୍-ଇନ୍- ରିଲେସସିପ୍ ବା ପୁରୁଷ ଓ ନାରୀ ଅସ୍ଥାୟୀ ଭାବରେ ଏକାଠି ରହିବାର ବାଧ୍ୟତାମୂଳକ ପଞ୍ଜିକରଣକୁ ଅନ୍ତର୍ଭୁକ୍ତ କରୁଛି। ଯୁକ୍ତ ଦର୍ଶାଯାଇପାରେ ଯେ ଏହି ବିଲ୍ ସେଭଳି ସମ୍ପର୍କଗୁଡ଼ିକୁ ବୈଧ କରିବାକୁ ଉଦ୍ୟମ କରୁଛି । ତେବେ ଲିଭ୍-ଇନ୍-ରିଲେସନସିପ୍‌ଗୁଡ଼ିକ ଯେ ଏହାର ମୌଳିକ ଧାରଣା ବାଧ୍ୟତାମୂଳକ ପଞ୍ଜିକରଣର ବିରୋଧାଚରଣ, ତାହା ବୁଝିବା ନିମନ୍ତେ ସମାଜ ତତ୍ତ୍ୱ ବା ଆଇନ୍‌ର ଗଭୀର ଭାବାର୍ଥକୁ ବୁଝିବାର ଆବଶ୍ୟକତା ନାହିଁ। ଭାରତୀୟ ସମାଜରେ କାହିଁ କେଉଁ ଆବହମାନ କାଳରୁ ବିବାହ ନାମକ ଏକ ଅନୁଷ୍ଠାନ ରହି ଆସିଛି, ଯାହା ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ ଏକ ଚୁକ୍ତି, ଏବଂ ଯେଉଁଥରେ ଆଇନ ଓ ନୀତି ନିୟମଗୁଡ଼ିକ ଜରିଆରେ ରାଷ୍ଟ୍ର ମଧ୍ୟ ଏକ ପକ୍ଷ। ଯେଉଁ ଲୋକମାନେ ବିବାହର କଠୋର ନୀତି ନିୟମଗୁଡ଼ିକୁ ଅନୁପାଳନ କରିବାକୁ ଚାହାନ୍ତି ନାହିଁ, ସେମାନେ ଲିଭ୍-ଇନ୍- ସମ୍ପର୍କରେ ରହିବାକୁ ପସନ୍ଦ କରିଥାନ୍ତି, ଅଥଚ ଉତ୍ତରାଖଣ୍ଡର ବିଲ୍ ସେମାନଙ୍କ ସମ୍ପର୍କ କ୍ଷେତ୍ରରେ ମଧ୍ୟ ଆଇନଗତ ଭାବରେ ମୁଣ୍ଡ ଖେଳାଇବାର ଉଦ୍ୟମ କରିଛି । ଏହି ରାଜ୍ୟ ବରଂ ଉପରୋକ୍ତ ସମ୍ପର୍କ କ୍ଷେତ୍ରରେ ପଞ୍ଜିକରଣକୁ ଏକ ବିକଳ୍ପ ଭାବରେ ରଖନ୍ତେ, କିନ୍ତୁ ଏହାକୁ ବାଧ୍ୟତାମୂଳକ କରିବା ଏବଂ ଯେଉଁମାନେ ଏହା ନ କରିବେ, ସେମାନଙ୍କ ପାଇଁ ଜେଲ୍ ଦଣ୍ଡ ସମେତ ଦଣ୍ଡ ବିଧାନର ଅନୁମୋଦନ କରିବା ଉପରୋକ୍ତ ସମ୍ପର୍କର ଏକ ଉପହାସ କହିଲେ ଅତ୍ୟୁକ୍ତି ହେବନାହିଁ। ଅତିରିକ୍ତ ଭାବରେ, ଏହି ବିଧାନ ଆହୁରି ଚିନ୍ତାଜନକ ବୋଲି କୁହାଯାଇ ପାରିବ, ଯେହେତୁ ଏ ସମ୍ପର୍କିତ ରେକର୍ଡଗୁଡ଼ିକ ପୁଲିସ ନିକଟରେ ରହିବାର ବ୍ୟବସ୍ଥା କରାଯାଇଛି, ଯେତେବେଳେ କି ସମାଜତାତ୍ତ୍ୱିକ ସୂକ୍ଷ୍ମ ବ୍ୟାଖ୍ୟାଗୁଡ଼ିକ ପ୍ରସଙ୍ଗରେ ଏହି ବଳର ସାରା ଦେଶରେ ଏକ ବିତର୍କିତ ଇତିହାସ ରହିଛି । ପୁନଶ୍ଚ, ବିଲ୍‌ରେ ଯେପରି ଉଲ୍ଲେଖ କରାଯାଇଛି, ଲିଭ୍-ଇନ୍-ସମ୍ପର୍କରେ ରହିଥିବା ଯେଉଁ ଦମ୍ପତିମାନେ ରାଜ୍ୟ ବାହାରେ ରହୁଥିବେ, ସେମାନଙ୍କ ଉପରେ ଉତ୍ତରାଖଣ୍ଡ ରାଜ୍ୟ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ତାହା ବୁଝିହୁଏ ନାହିଁ । ତେବେ ଦେଖିବାକୁ ବାକି ରହିଲା, ଆମ ସମ୍ବିଧାନ ଅଧୀନରେ ସୁରକ୍ଷା ପ୍ରଦାନ କରାଯାଇଥିବା କେତେକ ସମ୍ପ୍ରଦାୟଙ୍କର ପର୍ସନାଲ ଲ' ବା ବ୍ୟକ୍ତିଗତ ଆଇନର ଏହା ବିରୋଧାଚରଣ କରୁଛି କି ନାହିଁ । ବିଲ୍‌ର ଅନ୍ୟ ଏକ ପ୍ରାବଧାନ ସବୁ ଧର୍ମର ଲୋକମାନଙ୍କର ପୁଅ ଏବଂ ଝିଅମାନଙ୍କର ସମ୍ପତ୍ତିରେ ସମାନ ଅଧିକାର ରହିବାର ବ୍ୟବସ୍ଥା କରାଯିବା ମଧ୍ୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସାମ୍ପ୍ରତିକ ସମୟରେ କୋର୍ଟମାନେ ଏକ ବିବାହ ବା ଏହା ବାହାରେ ଜନ୍ମିତ ସନ୍ତାନମାନଙ୍କୁ ସେମାନଙ୍କ ପିତାମାତାମାନଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ତଥା ସେମାନଙ୍କର ସମାନ ଅଧିକାର ରହିଥିବା ଭାବରେ ବିବେଚନା କରୁଛନ୍ତି ଏବଂ ଏହି ବିଲ୍ ପ୍ରକୃତରେ ଏହା ଉପରେ ଅନୁମୋଦନର ମୋହର ମାରିଛି। ସମ୍ବିଧାନ ପ୍ରଣେତାମାନେ ଦେଶ ବା 'ଇଣ୍ଡିଆ ଦ୍ୟାଟ୍ ଇଜ୍ ଭାରତ'ର ବିବିଧତା ସମ୍ପର୍କରେ ଯଥେଷ୍ଟ ସଚେତନ ଥିଲେ, ଆଉ ସେଥିପାଇଁ ସେମାନେ ୟୁସିସିକୁ ଡିରେକ୍ଟିଭ୍ ପ୍ରିନ୍ସିପଲରେ ସ୍ଥାନିତ କରିଥିଲେ ଯାହାର ଅର୍ଥ, ସେମାନେ ଏହାକୁ ସମ୍ବିଧାନରେ ଏକ ଅଭିଳଷିତ ଲକ୍ଷ୍ୟ ଭାବରେ ଉପସ୍ଥାପନ କରିଥିଲେ। କିନ୍ତୁ ଏକ ରାଷ୍ଟ୍ର ଭାବରେ ଏହାର ସମସ୍ତ ନାଗରିକଙ୍କ ବ୍ୟକ୍ତିଗତ ଜୀବନକୁ ପରିଚାଳିତ କରୁଥିବା ଏକ ସମାନ ଆଇନ ଆଣିବାକୁ ହେଲେ ଦେଶକୁ ଆହୁରି ଅନେକ ପଥ ଯାତ୍ରା କରିବାକୁ ପଡ଼ିବ। ଉତ୍ତରାଖଣ୍ଡ ସରକାର, କେନ୍ଦ୍ର ସରକାର ଏବଂ ବିଜେପି ଯାହା ଏ ଉଭୟଙ୍କୁ ନିୟନ୍ତ୍ରଣ କରୁଛି, ତାହା ଟିକେ ପଶ୍ଚାଦାବଲୋକନ କରି ୟୁସିସି ଉପରେ ଆଉ ଥରେ ଭଲ ଭାବରେ ଚିନ୍ତା କରିବାର ଆବଶ୍ୟକତା ରହିଛି ଯେ ଏହା କିପରି ସାଧାରଣ ଲୋକଙ୍କୁ ଉପକୃତ କରି ପାରିବ। ଏକ ୟୁସିସି ଏକ ସମାଜ ଏହାର ନିଜର ବାସ୍ତବତାଗୁଡ଼ିକ ସମ୍ବନ୍ଧରେ କରୁଥିବା ଚିନ୍ତାଶୀଳତାଗୁଡ଼ିକର ପ୍ରତିଫଳନ ହେବା ଉଚିତ । ଏହା ଶାସକ ଦଳର ରାଜନୀତିକ ତତ୍ପରତାର ଏକ ଉତ୍ପାଦ ହେବା ଉଚିତ ନୁହେଁ ।

# ଚରିତ୍ର ନଥିଲେ ସବୁ ଅସାର



## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସୁକେନ୍ଦ୍ରିକତା ଏକାନ୍ତ ଆବଶ୍ୟକ। ମନୁଷ୍ୟ ଭାବେ ଦୀକ୍ଷା ନେଲି, ଗୁରୁ ଗ୍ରହଣ କଲି, ସନ୍ନ୍ୟାସ ନେଲି, ବାନପ୍ରସ୍ଥ ନେଲି, ଏଥିରେ ହିଁ ସବୁ ହେଲା, ତାହା କିନ୍ତୁ ନୁହେଁ। କର୍ମ ଭିତର ଦେଇ ଯେତେ ପରିମାଣରେ ସୁନିୟନ୍ତ୍ରିତ ଓ ସୁକେନ୍ଦ୍ରିକ ହୋଇ ଉଠିବ ତୁମର ଚରିତ୍ରର ଦ୍ୟୁତି ସେତେ ପ୍ରକାଶିତ ହେବ। ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର। ସାର୍ଥକ ସଙ୍ଗତି ଆବଶ୍ୟକ। ତୁମେ ଯାହା କିଛି କର ନା କାହିଁକି ଗୁରୁ ବା ଇଷ୍ଟଙ୍କ ଠାରେ ସାର୍ଥକ ହେବାକୁ ହେବ। ସବୁବେଳେ ନିଜକୁ ଜିଜ୍ଞାସା କରିବ - ମୋର ଏହି କର୍ମରେ ଗୁରୁଜୀ ବା ଇଷ୍ଟ ଦେବତା ସନ୍ତୁଷ୍ଟ ତ ? ଗୀତାରେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ଅର୍ଜ୍ଜୁନଙ୍କୁ କହିଲେ - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। ଏହାର ଅର୍ଥ ତୁମର ମନଗଢ଼ା ବା ପ୍ରବୃତ୍ତି ଧର୍ମକୁ ଛାଡ଼ି ମୋତେ ରକ୍ଷା କରି ଚାଲ, ମୋତେ ପରିପାଳନ କର, ତାହା ହେଲେ ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ। ଜନୈକ ଭକ୍ତ ପ୍ରଶ୍ନ କଲେ - ସଦ୍‌ଗୁରୁ ଗ୍ରହଣ କଲେ ସେ ଆମ୍ଭ ମାନଙ୍କୁ ସର୍ବପାପ ଠାରୁ ରକ୍ଷା କରିବାର ନିଶ୍ଚୟତା ଓ ପ୍ରତିଶୃତି ଦେବେ ତ ? ଦୃଢ଼ କଣ୍ଠରେ ଦୟାଳ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଏହି ନିଶ୍ଚୟତା ଓ ପ୍ରତିଶୃତି ସଦ୍‌ଗୁରୁ ଅବଶ୍ୟ ଦେବେ। କିନ୍ତୁ ସେଥିନିମିତ୍ତ ତୁମକୁ ସୁକେନ୍ଦ୍ରିକ ହେବାକୁ ଲାଗିବ। ସକଳ ଗ୍ରହ ଯେପରି ସୂର୍ଯ୍ୟକୁ କେନ୍ଦ୍ର କରି ଚାଲୁଛନ୍ତି ତୁମକୁ ସେହିପରି ଗୁରୁଙ୍କ ଠାରେ କେନ୍ଦ୍ରାୟିତ ହେବାକୁ ପଡ଼ିବ। ଭଗବାନ ଶ୍ରୀକୃଷ୍ଣ ସେଥିପାଇଁ ଭକ୍ତ ଅର୍ଜ୍ଜୁନଙ୍କୁ କହିଲେ - ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ। ମୋ ପାଇଁ କର୍ମ କର, ଏହି ଲକ୍ଷ୍ୟ ଠିକ୍ ରଖି ଚାଲ। ତୁମର ପ୍ରଭୁଙ୍କୁ ତୁମେ ଅନୁସରଣ କର। ତୁମେ ମଧ୍ୟ ବିଶ୍ୱରୂପ ଦେଖି ପାରିବ। ସ୍ମିତହାସ୍ୟ ସହକାରେ ଦୟାଲ୍ ପ୍ରଭୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଭକ୍ତ ଅର୍ଜ୍ଜୁନଙ୍କ ମଧ୍ୟରେ ଅର୍ଜ୍ଜନ ଅଛି। ଅର୍ଜ୍ଜୁନ ଭଗବାନ କୃଷ୍ଣଙ୍କର କୃପା କର୍ମ ମାଧ୍ୟମରେ ଅର୍ଜ୍ଜନ କରିଥିଲେ। କୌଣସି କିଛି କରିବାକୁ ଯାଇ ଯଦି ଭୁଲ ହୋଇଯାଏ ଭୁଲକୁ ତତ୍‌କ୍ଷଣାତ ସଂଶୋଧନ କରିନିଅ, ସମ୍ପୂର୍ଣ୍ଣ ଭାବରେ ଦୂରୀକରଣ କର। ତାହା ହିଁ ମୋତେ ଆହୁରି ଖୁସି କରି ଉଠାଏ। ତୁମର ସତ୍ ଅଭ୍ୟାସଗୁଡ଼ିକ ସଜାଗ ରଖ, ଐବଭସମ୍ବ ମାନେ ଐବଙ୍କର ସମ୍ବ।ଜନୈକ ଭକ୍ତ ପ୍ରଶ୍ନ କଲେ ଜୀବନର କଷ୍ଟ ଗୁଡ଼ିକ ଦୂର ହେବା ଆବଶ୍ୟକ। ଦୟାଲ ଶ୍ରୀ ଶ୍ରୀ ଠାକୁର ପ୍ରତ୍ୟାୟାତ୍ମକ ଭଙ୍ଗୀରେ କହି ଉଠିଲେ - କଷ୍ଟ ଭିତର ଦେଇ ଆମ୍ଭେମାନେ ପ୍ରସ୍ତୁତ ହେଉ। କଷ୍ଟ ଓ ବାଧାକୁ ଅତିକ୍ରମ କରି ଯେତେବେଳେ ଚାଲୁ ସେତେ ପରିମାଣରେ ଆମ୍ଭ ମାନଙ୍କର ବୋଧ ବୃଦ୍ଧି ପାଏ। ଅସତ୍‌କୁ ଆମେ ଜାଣିବୁ। କିନ୍ତୁ ଅସତ୍ ଯେପରି ଆମ୍ଭମାନଙ୍କୁ ପ୍ରଭାବିତ କରି ନପାରେ ତାର ଚେଷ୍ଟା କରିବୁ। ଏହିପରି ଭାବରେ ଆମର ବୋଧ ଓ ବ୍ୟକ୍ତିତ୍ୱ ନିୟନ୍ତ୍ରିତ ହେବ। ଏହି ଭାବରେ ଆମ୍ଭେମାନେ ପ୍ରଜ୍ଞାର ଅଧିକାରୀ ହୋଇ ଉଠିବୁ। ଯେକୌଣସି କର୍ମ ପଥରେ ବାଧା କଷ୍ଟ ଆସେ, ସେଗୁଡ଼ିକୁ ଅତିକ୍ରମ ନ କଲେ ସିଦ୍ଧିଲାଭ ହୁଏନାହିଁ। ଭଗବାନ ଶ୍ରୀକୃଷ୍ଣ ଭଗବଦ୍ ଗୀତାରେ କହିଛନ୍ତି - ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ, ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ। ପୁଣି ସନ୍ଥକବି ତୁଳସୀ ଦାସ କହିଛନ୍ତି - ତୁମ୍ ଯେଇସା ରମକୋ, ତୁମ୍‌କୋ ତେଇସା ରାମ, ଡାଇନେଯାଓ ତୋ ଡାଇନ, ବାମେ ଯାଓ ତୋ ବାମ। ଜନୈକ ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ - ଯେ ଯେପରି ଭଜନା କରେ ସେହିପରି ଫଳ ପାଏ। ତାହାହେଲେ ରାବଣ ମଧ୍ୟ ସାଧନା କରି ଫଳ ପାଇଥିଲା। କିନ୍ତୁ ସମସ୍ତ ଦେବତା ଏକ ସଙ୍ଗରେ ରାବଣର ବିରୋଧୀ ହୋଇ ଉଠିଲେ କାହିଁକି ? ଯାହାଫଳରେ ରାବଣ ମୃତ୍ୟୁ ଲାଭ କଲା। ଏହି ପ୍ରସଙ୍ଗରେ କୁଳମାଳିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ମୁଁ ଯଦି ତୁମ ଉପରେ ହିଂସା କରେ ତାହା ଅସତ୍। ଅସତ୍ ଯିଏ ସେ ମୋର ଅସ୍ତିତ୍ୱକୁ ଧ୍ୱଂସ କରେ। ଆଉ ଅସ୍ତିତ୍ୱକୁ ଯିଏ ରକ୍ଷା କରେ ସେ ସତ୍। କିନ୍ତୁ ରାବଣ ଯେ ଭଗବାନ ରାମଙ୍କର ସହଧର୍ମିଣୀ ମାତା ଜାନକୀଙ୍କୁ ଟାଣି ନେଲା, ଅନ୍ୟର ରାଜ୍ୟ ଦଖଲ କଲା, ଏହା କ'ଣ ସତ୍ ଭାବର ଲକ୍ଷଣ। ଏହିସବୁ କରି ସେ ଭଗବାନଙ୍କର ଉପାସନା କରୁଥିଲା। ଏହାର ଅର୍ଥ ସେ ତାର ଅନ୍ତରସ୍ଥ ଭଗବାନଙ୍କୁ ବଞ୍ଚନା କରୁଥିଲା, ତାର ଉଦ୍ଦେଶ୍ୟ ଥିଲା ଭଗବାନ ରାମଚନ୍ଦ୍ରଙ୍କୁ ବଞ୍ଚନା କରିବା। ଧରାଯାଉ ସତ୍ତା ଚାହୁଁଛି ଚାରିଟା ରସଗୋଲା ଖାଇବ। କିନ୍ତୁ ମୁଁ ଯଦି ଅଧା କିଲୋ ରସଗୋଲା ଖାଏ ତାହାହେଲେ ସତ୍ତା ତାହା ଗ୍ରହଣ କରିବ ନାହିଁ। ଏହିସବୁ ପ୍ରବୃତ୍ତିର କ୍ଷୁଧା ନିମିତ୍ତ ମନୁଷ୍ୟ କରେ। ଆଉ ମୁଁ ଯଦି ଭଗବାନ ଶ୍ରୀରାମଙ୍କୁ ଭଲ ପାଏ ତାହାହେଲେ ମୋର ଚଳନ-ଚରିତ୍ର ଭଗବାନ ଶ୍ରୀରାମଙ୍କ ଭଳି ହୋଇଉଠିବ। ଜଣେ ସତୀ ସ୍ତ୍ରୀର ଯେପରି ହୁଏ। ଶତୃତା ଭଲ ନୁହେଁ, ଶତ୍ରୁତାର ନିରସନ ହେଲେ ହିଁ ଭଲ ହୁଏ। ଭକ୍ତ ଭଦ୍ରଲୋକ ପୁଣି ପ୍ରଶ୍ନ କଲେ ଜଣେ କେହି ଦୀକ୍ଷା ନେଲେ ଅନ୍ୟମାନେ ତାଙ୍କୁ ନିନ୍ଦା କରନ୍ତି, ଉପହାସ କରନ୍ତି। ଏହାକୁ ସହ୍ୟ କରିବାର ଶକ୍ତି ସେହି ଦୀକ୍ଷିତ ଭାଇଙ୍କର ଥିବା ଆବଶ୍ୟକ। ଏହି ପ୍ରସଙ୍ଗରେ କୁଳ ମାଲିକ ଶ୍ରୀ ଶ୍ରୀ ଠାକୁର କହିଲେ - ଏଗୁଡ଼ିକ ଭାବିବାର ଜିନିଷ ନୁହେଁ। ଲୋକମାନେ ନିନ୍ଦା କରିପାରନ୍ତି। ଆମ୍ଭେମାନେ ତ ପୁରୁଷ ଲୋକ, ଲୋକମାନେ ଭକ୍ତ ମୀରାବାଇଙ୍କର ମଧ୍ୟ ନିନ୍ଦା କରିଛନ୍ତି। କବୀର ସାହେବଙ୍କୁ ମଧ୍ୟ ଅନେକ ନିନ୍ଦା କରନ୍ତି। ନିନ୍ଦା କଲେ ମଧ୍ୟ ସେମାନେ ପ୍ରଭୁଙ୍କର ମହିମାକୁ ହିଁ ପ୍ରଚାର କରନ୍ତି। ସେଣ୍ଟ ଜନ୍ ପ୍ରଭୁ ଯୀଶୁଙ୍କ ପାଖରେ ଖାଲି ବସି ରହୁଥିଲେ। ଲୋକମାନେ ତାଙ୍କୁ କହୁଥିଲେ - ତୁମେ କେବଳ ବସି ରହିଛ କାହିଁକି ? ପ୍ରଭୁ ଯୀଶୁଙ୍କୁ ସହିତ କଥାବାର୍ତ୍ତା କରୁନ। ସେ କହିଲେ - ମୁଁ ମୂର୍ତ୍ତ ପ୍ରେମ ଦେଖୁଛି। ଭକ୍ତର ଭାବିବା ଉଚିତ - ପ୍ରଭୁ, ମୁଁ ତୁମକୁ ଭଲ ପାଏ। କର୍ମରେ ମଧ୍ୟ ସେହି ଭଲ ପାଇବା ପ୍ରକାଶ ପାଉ, ଚଳନ ମଧ୍ୟ ସେହିପରି ହେଉ, ଯେପରି ଥିଏଟରରେ ଆଚରଣ କରନ୍ତି। ଏହି ଧର୍ମର ଆଚରଣ କରୁ କରୁ ମନ ଭିତରେ ଧର୍ମ ଭାବ ଜାଗ୍ରତ ହୁଏ। ଏହା ଲୋକ ଦେଖାଣିଆ ହେଲେ ମଧ୍ୟ ଭଲ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୟାପରବଶ ହୋଇ କହି ଚାଲିଛନ୍ତି - ବୈଷ୍ଣବ ଶାସ୍ତ୍ରରେ ଏକ ଗଳ୍ପ ଅଛି। ଜଣେ ବ୍ୟାଧ ପକ୍ଷୀ ମାରୁଥିଲା, ପକ୍ଷୀ ମାନଙ୍କୁ ଖୁବ କଷ୍ଟ ଦେଇ ମାରୁଥିଲା, ଦୂରରୁ ବାଣ ମାରୁଥିଲା। ହୁଏତ କିଛି ପକ୍ଷୀ ମଧ୍ୟ ବାଣରେ ନ ମରି ଉଡି ଯାଉଥିଲେ। ଦିନେ ସେହି ସ୍ଥାନରେ ବ୍ୟାଧ ଦେଖିଲା ଜଣେ ସାଧୁ ମହାରାଜ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ଆସି ସେହି ଗଛ ପାଖରେ ବସି ଧ୍ୟାନରେ ନିମଗ୍ନ ହେଲେ। ସେତେବେଳେ ତାର ଦେହରେ ପକ୍ଷୀମାନେ ଆସି ବସିବାକୁ ଲାଗିଲେ। ବ୍ୟାଧ ଭାବିଲା ଏହାତ ଖୁବ ମଜା। ମୁଁ ମଧ୍ୟ ଯଦି ଏଇଠାରେ ଗାଧୋଇ ଧ୍ୟାନରେ ବସେ ଓ ପକ୍ଷୀମାନେ ଯଦି ମୋ ଦେହରେ ବସନ୍ତି ତାହାହେଲେ ସେମାନଙ୍କୁ ସୁବିଧାରେ ଧରିବି, ମାରିବି ଓ ଖାଇବି। ତାପରେ ସାଧୁ ଚାଲିଗଲାରୁ ବ୍ୟାଧ ଜଣକ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ତିଳକ ଓ ଚନ୍ଦନ ଲଗାଇ ଧ୍ୟାନରେ ବସିଲା। ଠିକ ସେହିପରି ଭାବରେ ପକ୍ଷୀମାନେ ମଧ୍ୟ ଉଡି ଆସି ବ୍ୟାଧ ଦେହରେ ବସିଲେ। ସେତେବେଳେ ସେ ବ୍ୟାଧାର ବିବେକର ଉଦୟ ହେଲା, ବ୍ୟାଧ ଭାବିଲା - ଏତିକିରେ ଏତେ ଫଳ। ମୁଁ ଯଦି ସତ୍ୟକାର ସାଧୁ ହୋଇପାରିବି ତାହାହେଲେ କେତେ କ'ଣ ପାଇବି। ଶ୍ରୀ ଶ୍ରୀ ଠାକୁର ଭାବଗମ୍ଭୀର ସ୍ୱରରେ କହୁଛନ୍ତି - ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ କଲିକତାର ଷ୍ଟାର ଥିଏଟରର ନାଟକ ଦେଖିବାକୁ ଯାଉଥିଲି। ଭଲ ଭଲ ନାଟକ ହେଲେ ମଧ୍ୟେ ମଧ୍ୟେ ଯାଉଥିଲି। ଯେଉଁମାନେ ଭଲ ଅଭିନୟ କରୁଥିଲେ ସେମାନେ ଖାଦ୍ୟ ପେୟରେ ନିଷ୍ଠା ସହକାରେ ନିରାମିଷ ଖାଉଥିଲେ ଓ ଚାଲୁଥିଲେ ମଧ୍ୟ ସେହିପରି ଭାବରେ। ଜଣେ ଖୁବ ଭଲ ଅଭିନୟ କରୁଥିଲେ, ଗିରୀଶ ଘୋଷଙ୍କର ରଚିତ ବୁଦ୍ଧଦେବ ନାଟକରେ ସେ ଖୁବ ଭଲ ଅଭିନୟ କରୁଥିଲେ। ଏହି ଅଭିନୟ କରୁ କରୁ ତାର ଦିନେ ବିବେକ ଉଦୟ ହେଲା। ସେ ଆଉ ଘରକୁ ନଯାଇ ସନ୍ନ୍ୟାସ ବ୍ରତ ଗ୍ରହଣ କଲା। ସେଥିପାଇଁ କୁହାଯାଇଛି ଧର୍ମର ଅଭିନୟ ମଧ୍ୟ ଭଲ। କିନ୍ତୁ ଧର୍ମର ଭାବାଳୁତା ଭଲ ନୁହେଁ। ଏଥିରେ ମନୁଷ୍ୟ ଧପ୍ପାବାଜ ହୋଇ ଉଠେ। କର୍ମ ଭିତର ଦେଇ ମନୁଷ୍ୟ ବୃଦ୍ଧି ପାଏ, କିନ୍ତୁ କେବଳ ବସି ବସି ତତ୍ତ୍ୱ ଆଲୋଚନା କଲେ ମନୁଷ୍ୟର ବୃଦ୍ଧି ହୁଏ ନାହିଁ। ସେଥିପାଇଁ ଶ୍ରୀ ଶ୍ରୀ ଠାକୁର କହିଲେ - କର୍ମ ନାହିଁ ଚିନ୍ତାସତ୍, ଖସଡ଼ା ପଥରେ ନରକ ପଥ।

ସହପ୍ରତିରତ୍ୱିକ ଓ ପ୍ରଫେସର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ମୋ: ୯୪୩୭୦୫୧୯୫୭

# ଭାରତରେ ଇମାନୁଏଲ ମାକ୍ରୋନ



## ସୌମେନ୍ଦ୍ର ଜେନା


(ପୂର୍ବ ପ୍ରକାଶିତ ଉତ୍ତାରୁ...)

କୋରୋନା କାଳ ଏବଂ ପରବର୍ତ୍ତୀ ସମୟରେ ଭାରତର ବିକାଶ ହାର ପୃଥିବୀରେ ସବୁଠୁ ଅଧିକ ବଢିବାର ସମ୍ଭାବନାଜନିତ ରିପୋର୍ଟ ପ୍ରକାଶ ପାଇବାକୁ ଲକ୍ଷ୍ୟ କରି ୟୁରୋପ ଭାରତକୁ ନିଜ ସପକ୍ଷରେ ରଖିବାକୁ ପ୍ରୟାସ ଚଳାଇଥିଲା ବେଳେ ଫ୍ରାନ୍ସ ଅଧିକ ଦୁଇପାଦ ଆଗକୁ ଆସି ଗୋଟିଏ ହାତରେ ଦେବା ସହ ଅନ୍ୟ ହାତରେ ନେବାଲାଗି ବ୍ୟବସ୍ଥା କରୁଛି । ଭାରତର ବେସାମରିକ ବିମାନ ବଜାର ବିଶ୍ୱର ମୋଟ ବିମାନ ଉତ୍ପାଦନର ୨୦ ପ୍ରତିଶତ କ୍ରୟ କରିବା ସବ ଆଗାମୀ ୧୦ ବର୍ଷ ଯାଏଁ ଆଗୁଆ ବୁକିଂ ଦେଇ ସମସ୍ତଙ୍କୁ ଚକିତ କରିଛି । ଆଗାମୀ ୧୦ବର୍ଷରେ ଭାରତ ୨୨୦୦ରୁ ଅଧିକ ଯାତ୍ରୀବାହୀ ବିମାନ ଆବଶ୍ୟକ କରିବ ବୋଲି ଏୟାରବସ୍ କମ୍ପାନୀ ଆକଳନ କରିଛି । ସେଥିପାଇଁ ଏୟାରବସ୍ ଭାରତକୁ ଉତ୍ପାଦନର ମୁଖ୍ୟକେନ୍ଦ୍ର କରିବା ଲକ୍ଷ୍ୟରେ ରହିଛି । ଚୀନ ଏଥିପାଇଁ ଅନେକ ପ୍ରୟାସ କରି ଆଜିଯାଏଁ ସଫଳ ହୋଇପାରିନଥିବା ସମୟରେ ଭାରତରେ ଟାଟା ସହଯୋଗରେ ଏୟାରବସ୍ ହେଲିକପ୍‌ଟର ନିର୍ମାଣ କରିବା ଦ୍ୱାରା ଆଗାମୀ ଦିନରେ ଏହି କ୍ଷେତ୍ରକୁ ଅଧିକ ମଜଭୁତ କରିବ ।

ମାକ୍ରୋନ ନୂଆଦିଲ୍ଲୀଠାରେ ପରେଡରେ ଯୋଗ ଦେବାସହ ୩୦ହଜାର ଭାରତୀୟ ଛାତ୍ରଙ୍କୁ ୨୦୩୦ ସୁଦ୍ଧା ପ୍ୟାରିସରେ ଦେଖିବାପାଇଁ ଲକ୍ଷ୍ୟ ରଖିଥିବା ବିଷୟ ଟ୍ୱିଟରରେ ପ୍ରକାଶ କରିଥିଲେ । ପ୍ୟାରିସର ଇଫେଲ ଟାୱାରରେ ଭାରତର ୟୁପିଆଇକୁ କାର୍ଯ୍ୟକାରୀ କରିବା, ଆନ୍ତର୍ଜାତିକ ସୌରଶକ୍ତି ସାମ୍ମୁଖ୍ୟର ଷ୍ଟାର-ସି ପ୍ରକଳ୍ପ ଅଧୀନରେ ଆଫ୍ରିକାର ସେନେଗାଲଠାରେ ସୋଲାର ଏକାଡେମୀ ସ୍ଥାପନ, ଫ୍ରାନ୍ସର ମାର୍ସେଲିସ୍‌ଠାରେ ଭାରତର କନ୍‌ସୁଲେଟ ଖୋଲିବା ଏବଂ ଭାରତର ହାଇଦ୍ରାବାଦଠାରେ ଫ୍ରେଞ୍ଚ ବ୍ୟୁରୋ ଡେ.ଫ୍ରାନ୍ସ ଖୋଲାଯିବା ଲାଗି ଘୋଷଣା କରାଯାଇଥିଲା ।୨୦୨୫ରେ ଫ୍ରାନ୍ସର ନାଇସଠାରେ ଜାତିସଂଘର ସାମୁଦ୍ରିକ ସମ୍ମିଳନୀର ଆୟୋଜନ ପାଇଁ ଫ୍ରାନ୍ସର ପ୍ରୟାସକୁ ଭାରତ ସମର୍ଥନ କରିଛି । ଜୟପୁରରେ ଫ୍ରାନ୍ସ ରାଷ୍ଟ୍ରପତି ଅମ୍ବରଦୁର୍ଗ, ଯନ୍ତରମନ୍ତର, ହାୱାମହଲ ପ୍ରଭୃତି ଦର୍ଶନୀୟ ସ୍ଥଳୀକୁ ବୁଲି ଦେଖିଥିଲେ । ହାୱାମହଲଠାରେ ଚାହା ପିଇବା ପରେ ୟୁପିଆଇ ଯୋଗେ ଟଙ୍କା ଦେବା ବ୍ୟବସ୍ଥା ମାକ୍ରୋନଙ୍କୁ ପ୍ରଭାବିତ କରିଥିଲା । ମାକ୍ରୋନଙ୍କ ଗସ୍ତ କାଳରେ ଫ୍ରାନ୍ସର ପ୍ରତିରକ୍ଷା , ସଂସ୍କୃତି ଏବଂ ବିଦେଶମନ୍ତ୍ରୀ ମଧ୍ୟ ରହିଥିଲେ । କାରଣ ବୁଝାମଣା ଜନିତ ଅସୁବିଧା ଆଗାମୀ ଦିନରେ ନରହିବା ଥିଲା ମାକ୍ରନୋଙ୍କ ଲକ୍ଷ୍ୟ । ଗତବର୍ଷ ୧୪ ଜୁଲାଇ ୨୦୨୩ରେ ଫ୍ରାନ୍ସର ସ୍ୱାଧୀନତା ଦିବସ ପାଳନ ଅବସରରେ ନରେନ୍ଦ୍ର ମୋଦି ପ୍ୟାରିସ ଗସ୍ତରେ ଯାଇଥିଲାବେଳେ ଦୁଇଦେଶ ମଧ୍ୟରେ ୨୦୪୭ ପାଇଁ ସଂପର୍କର ଏକ ଭବିଷ୍ୟତ ରୂପରେଖା ପ୍ରସ୍ତୁତିଲାଗି ଆଲୋଚନା ହୋଇଥିଲା । ସେଠାରେ ଭାରତର ତିନି ସେନା ବାହିନୀ ଫ୍ରାନ୍ସ ସ୍ୱାଧୀନତା ଦିବସ ପରେଡରେ ଅଂଶଗ୍ରହଣ କଲାପରି ୨୦୨୪ ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସ ପରେଡରେ ଭାରତର ବାୟୁସେନା ସହ ଫ୍ରାନ୍ସ ବାୟୁସେନା ମଧ୍ୟ ଯୋଗ ଦେଇଥିଲା । ପରେଡରେ ଫ୍ରାନସର ଯବାନମାନେ ସାମିଲ ହୋଇଥିଲେ । ଫ୍ରାନ୍ସ ରାଷ୍ଟ୍ରପତି କର୍ତ୍ତବ୍ୟପଥରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଦୀର୍ଘ ୪୦ବର୍ଷ ପରେ ଏକ ଖୋଲା ଘୋଡା ଗାଡିରେ ପରେଡସ୍ଥଳକୁ ଆସିଥିଲେ । ଭାରତର ସ୍ତ୍ରୀ-ଶକ୍ତିର ପ୍ରଦର୍ଶନକୁ ଦେଖି ମାକ୍ରୋନ ଚକିତ ହୋଇଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତି ଭବନରେ ଭୋଜିର ବ୍ୟବସ୍ଥା କରିଥିଲେ । ସିଓପି ୩୩ ବୈଠକକୁ ଭାରତରେ ଆୟୋଜନ କରାଯିବାକୁ ଭାରତର ପ୍ରୟାସକୁ ମାକ୍ରୋନ ସମର୍ଥନ କରିଥିଲେ । ଆନ୍ତର୍ଜାତିକ ଶକ୍ତି ଏଜେନ୍ସୀ (ଆଇଇଏ)ରେ ଭାରତର ସଦସ୍ୟତା ପାଇଁ ମାକ୍ରୋନ ସମର୍ଥନ ଜଣାଇଥିଲେ । ବିକାଶଶୀଳ ଦେଶମାନଙ୍କୁ ସୁବିଧାରେ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ବହୁପକ୍ଷୀୟ ବିକାଶଶୀଳ ବ୍ୟାଙ୍କର ସଂସ୍କାର ଉପରେ ଦୁଇନେତା ଜୋର ଦେଇଥିଲେ । ଆଗାମୀ ଦିନରେ ଅଷ୍ଟ୍ରେଲିଆ ଏବଂ ୟୁଏଇ (ଅମିରାତ)କୁ ତ୍ରିପକ୍ଷୀୟ ଆଲୋଚନାରେ ସାମିଲ କରିବାକୁ ଦୁଇରାଷ୍ଟ୍ର ଏକମତ ହୋଇଥିଲେ । ଗତ ବର୍ଷ ୭ ଅକ୍ଟୋବର ଦିନ ଇସ୍ରାଏଲ ଉପରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣକୁ ଦୁଇରାଷ୍ଟ୍ର ନିନ୍ଦା କରିଥିଲେ । ସନ୍ତ୍ରାସର ମୁକାବିଲା ଲାଗି ଭାରତର ଏନ୍‌ଏସ୍‌ଜି ଏବଂ ଫ୍ରାନ୍ସର ଜିଆଇଜିଏନ୍ (ଗ୍ରୁପେ ଡି ଇଣ୍ଟରଭେସନ ଡେଲା ଗ୍ରାଣ୍ଡାମେରୀ ନେସିଓନାଲେ) ମଧ୍ୟରେ ସହଯୋଗ ବୃଦ୍ଧି ହେବ ବୋଲି କହିଥିଲେ । ଚଳିତବର୍ଷ ଦୁଇଦେଶ ମଧ୍ୟରେ ରଣନୀତିକ ସଂପର୍କର ୨୫ବର୍ଷ ପୂର୍ତ୍ତି ହେଉଥିବାରୁ ଆଗାମୀ ୨୫ବର୍ଷ ପାଇଁ ଯୋଜନା ପ୍ରସ୍ତୁତି କରି କାର୍ଯ୍ୟକରିବା ଉପରେ ଜୋର୍‌ଦେବାକୁ ଦୁଇରାଷ୍ଟ୍ର ରାଜି ହୋଇଥିଲେ । ମାକ୍ରୋନ ତାଙ୍କ ଗସ୍ତ କାଳରେ ଆତିଥେୟତା, ଉଚ୍ଛ୍ୱସିତ ସ୍ୱାଗତ, ଫଳପ୍ରଦ ଆଲୋଚନା ଏବଂ ସୁଦୃଢ଼ ବନ୍ଧୁତା ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲୋ

(ସମାପ୍ତ)

ଭାରତୀୟ ସମ୍ବାଦ ସେବା
(ଭାସ୍)
ଭୁବନେଶ୍ୱର-୭୫୧୦୦୩






## ହେଜ ମଣିଷ ପଣିଆ !

### ପ୍ରଦୋଷ କୁମାର ଦାସ

ମଣିଷ ହୋଇକି ଅମଣିଷ ପଣ
ଉଜୁଡିଯିବକି ଦୁନିଆରୁ ପ୍ରାଣ।।
ମନ ମରୀଚିକା ଲାଗେ ହାହାକାର
ଶୁଖା ପଡ଼ିଅଛି ପ୍ରତି ହୃଦୟ ନିର୍ଝର ।

ସବୁଠି ବଚନ ବିଭ୍ରମ, ନାହିଁ ସଦାଚାର।
ସମୀପେ ଥାଇବି
ସଭିଏଁ ସଭିଙ୍କୁ ସୀମାହୀନ ଦୂର !
ମୁଷ୍ଟିମେୟ ସବୁଠି କରନ୍ତି ପ୍ରଭାବ ବିସ୍ତାର ।
ଅସହାୟ କାନ୍ଦେ ହୋଇକି ନାଚାର ।
ସ୍ୱାର୍ଥ ଧରି ସଭିଏଁ ହୁଅନ୍ତି ଭାରି ହରବର।

ସ୍ୱାର୍ଥପର ଭୂଲେ ପରାର୍ଥ ପରାଣ
ହୋଇ ସାତପର ।
ପ୍ରେମ ଏଠି ତୁଚ୍ଛା ପ୍ରହସନ
କାମନା ବାସନାରେ ଜାଗଇ ଶରୀର।
ଧୋକା ଖାଇ ଖାଇ ହରଇ ବିଶ୍ୱାସ
ହୃଦ ପାରାବାରେ ଉଠେ ଜୁଆର ।
ଧରମ ଅଫିମ ନିଶାରେ ଉଦଭ୍ରାନ୍ତ ମଣିଷ।
ସତ୍ୟ ଶାନ୍ତି ହୁଏ ପ୍ରଭାବିତ ,
ନିଷ୍ପେସିତ ହୁଏ ନିରୀହ ମଣିଷା।
ହେ ମାନବ ! ତୁମେ ପରା ଅମୃତ ସନ୍ତାନ
ଏହି ଧରଣୀ ମାଆର !


ଭୂଲି ଯାଅନାହିଁ ମଣିଷ ପଣିଆ
ଯାହା ସବୁ ଧରମର ମୂଳ ମନ୍ତର ।
ପୂଣ୍ୟ ଫଳ ଅରଜନ କର
ତୁମ କର୍ମ ଓ ଧର୍ମର।

ହେଜ ମଣିଷ ପଣିଆ,
ସବୁ ଅଧମତା କରିଦେଇ ଦୂରାୟ

ସ୍ତମ୍ଭକାର,ନାଚୁଣୀ,ଖୋର୍ଦ୍ଧା
ପିନ୍ :- ୭୫୨୦୩୪
ମୋ: ୬୩୭୦୪୯୫୯୪୪

## ସୁଖ-ଦୁଃଖ

### ସୁଧାକର ରାଉତ



ଶୀତ ମାଉସୀ ନିଏ ମେଲାଣି
ଶୀତ ମାଉସୀ ଦୁଃଖ ମନରେ
କହେ ପିଲାଏ ଶୁଣ
ଥଣ୍ଡା ଟିକିଏ ବୁଣି ଦେବାରୁ
ଦେଖୁଥିଲ ମୋ ଖୁଣ ।

ମାଘ ମାସଟା ହୋଇନି ଶେଷ
ବିଦାୟ ନିଏ ମୁହିଁ
ଏତେ ସଅଳ ଯାଉଛି ବୋଲି
ଭାବିଛ କେବେ କାହିଁ ।

ପ୍ରାକୃତିକ ପରିବେଶ ତୁମେ
ନଷ୍ଟ କରୁଛ ନିତି
ପରିଣାମ ତାର ଚିନ୍ତା କରି
ଆସୁନି ତୁମ ଭୀତି ।

ଗୋଟେ ଋତୁ ରାଜୁତି କରିବ
ବଢ଼ିବ ପରା ତାତି
ବିଶ୍ୱ ତାପନ ଆସିବା କଥା
ଭାବିଛି ତୁମ ମତି ।

ସେ ତାତି ଏବେ ମୁରୁକି ହସେ
ମୋ ଯିବା କଥା ଶୁଣି
ତା'ର ପ୍ରକୋପ ଦେଖିଲେ ତୁମେ
ମୋ କଥା ହେବ ଗୁଣି ।

ସେବେଳେ ତୁମେ ଡାକିଲେ ଯେତେ
ଆସିବିକି ମୁଁ ଫେରି
ଦେଖିବ ମୋତେ ଏ ବର୍ଷ ଯେବେ
ଯିବଟି ପୁଣି ପୁରି ।

ଭବିଷ୍ୟତ ତୁମ ସୁଖପ୍ରଦ
ହେବାକୁ ଚାହଁ ଯେବେ
ପରିବେଶର ସୁରକ୍ଷା ପ୍ରତି
ଧ୍ୟାନ ଦିଅଟି ଏବେ ।

ପ୍ରତାପ ନଗରୀ , କଟକ
ମୋ-୮୨୪୯୯୩୨୭୯୨

## ନିର୍ବାଚନ ଆସୁଛି

### ଲୋକନାଥ ମହାପାତ୍ର



ଥରେ ଗୋଟିଏ ଛେଳି ତା ଛୁଆ ସାଥିରେ
ଯାଉଥିଲା ଏକ ଜଙ୍ଗଲ ରାସ୍ତାରେ
ହଠାତ୍ ସାମନାରେ ଭେଟ ହେଲା ଏକ ବାଘ
ତାଠାରୁ ଖସିବାର ନଥିଲା କୌଣସି ମାର୍ଗ
ବାଘକୁ ଦେଖି ଭୟରେ ଛେଳି ଛୁଆ ମା'କୁ କହିଲା-
ଏହି ବାଘ ଆମ ଦୁହିଁଙ୍କୁ ଖାଇଯିବନି ତ କଞ୍ଚା ?
ଏ କଥା ଶୁଣି ବାଘ ସ୍ମିତହାସ୍ୟ କରି କହିଲା-
ହେ ଛେଳି ଶାବକ ! ଆୟୁଷ୍ମାନ ଭବ !

ଅକ୍ଷୁର୍ଣ୍ଣ ରହୁ ତୋର ସବୁ ଅବୟବ !
ମୁଁ ଦେଉଛି ଆଶିଷ
ଏବେଠୁ ସବୁ ଅନ୍ୟାୟର ହେବ ଶେଷ
ଏଣିକି ଖେଳ କୁଦ ନାଚ ଆଉ ଗାଅ ହସି ହସି
ଆଚ୍ଛା ଛାଗଳ ମାତା ଏବେ ମୁଁ ଆସୁଛି !

ଏମନ୍ତ କହି ବାଘ ଚାଲିଗଲା ତା ବାଟରେ
ତା କଥା ଶୁଣି ମା ଛେଳି କହିଲା ଆଶ୍ଚର୍ଯ୍ୟ ଭରେ
ବାଘ ପୁଣି କାହାକୁ କେବେ ଦୟା ଦେଖାଇଛି !
ଲାଗୁଛି ବୋଧେ ଜଙ୍ଗଲରେ ଆଗକୁ ନିର୍ବାଚନ ଅଛି ?

ଗୋଲାପଲ୍ଲୀ ସାହି, ବ୍ରହ୍ମପୁର

# ଗରିବ ବନ୍ଧୁ

## ସନ୍ତୋଷ କୁମାର ଅଦାବର



ଶଙ୍ଖପୁର ଗାଁରେ ଦୟା ଓ ସତ୍ୟ ନାମରେ ଦୁଇ ଜଣ ବନ୍ଧୁ ଥିଲେ । ସେ ଦୁହେଁ ଛୋଟ ସମୟରୁ ସମାନ ଶ୍ରେଣୀରେ ପାଠ ପଢ଼ି ଆଜି ଯୁବକ ଅବସ୍ଥାରେ ଅଛନ୍ତି । ଦୟା କଲେଜରେ ଦୁଇ ବର୍ଷ ପଢିବା ପରେ ଆଉ ଆଗକୁ ପଢି ପାରି ନ ଥିଲା । ସେ ମଜୁରିଆ କାମ କରି ଦୁଇ ପଇସା ରୋଜଗାର କରୁଥିଲା। କିନ୍ତୁ ସତ୍ୟ ପରିଶ୍ରମ କରି ପାଠ ପଢି ବଡ ଅଫିସରଟିଏ ହେଲା । ସେ ଏକ ବଡ଼ ସହରରେ ରହିଲା, ଯେଉଁଠି ସେ ଚାକିରି କରୁଥିଲା। କିଛିଦିନ ଅନ୍ତରରେ ଗାଁକୁ ସେ ଛୁଟି ହେଲେ ଆସିଥାଏ। ଅଫିସରଟିଏ ହେଲେ ମଧ୍ୟ ସେ ନିଜ ବନ୍ଧୁ ଦୟାକୁ ପୂର୍ବ ଭଳି ସ୍ନେହ ଆଦର କରୁଥିଲା । ମୁଁ ଅଫିସର, ଧନୀ ବୋଲି ଭାବି କେବେ ହେଁ ଦୟା ପ୍ରତି ଅଣଦେଖା ବା ଅହଂଭାବ ଦେଖାଉ ନ ଥାଏ। ଦୟା ମଧ୍ୟ ସତ୍ୟ ସହ ଖୁସିରେ ମିଶୁଥାଏ ।

କିଛି ଦିନ ପରେ ସେ ଦୁହେଁ ବାହା ହେଲେ। ନିଜ ନିଜ ସ୍ତ୍ରୀ ଓ ପିଲା ଛୁଆ ସହ ରହିଲେ। ସତ୍ୟର ବଦଳି ହୋଇ ନିଜ ଗାଁ ନିକଟ ସହରକୁ ଆସିଥାଏ। ସେ ସହରରେ ଥିବା ବେଳେ ସେଠାରେ ତା'ର ଅନେକ ସହକର୍ମୀ ଏବଂ ଚାକିରିଆ ସାଙ୍ଗଙ୍କ ସହ ପରିଚିତ ହେଲା। ସମସ୍ତଙ୍କର ସହ ମିଶି ଖୁସିରେ ସେ ନିଜ ପରିବାର ଧରି ରହୁଥାଏ। ମଝିରେ ମଝିରେ ତା' ବନ୍ଧୁ ସତ୍ୟ ସହ ମଧ୍ୟ ସାକ୍ଷାତ ହୁଏ।

ଦିନେ ଦୟା ଏକ ସରକାରୀ ଆର୍ଥିକ ସହାୟତା କାମରେ ସତ୍ୟ କାମ କରୁଥିବା କାର୍ଯ୍ୟାଳୟରେ ଉପସ୍ଥିତ ହେଲା। ସେ ଜାଣି ନ ଥାଏ ଯେ ତା'ର ବନ୍ଧୁ ସତ୍ୟ ସେହି ଅଫିସରେ ବଡ ଅଫିସର ଅଛି ବୋଲି। ନିଜର କାଗଜପତ୍ର କାମ ସାରି ଦୟା ବଡ ଅଫିସରକୁ ଦେଖା କରିବାକୁ ତାଙ୍କ ପ୍ରକୋଷ୍ଠ ଦ୍ୱାରରେ ଛିଡା ହୋଇଥାଏ। କୌଣସି ଏକ ବିଶେଷ କାମରେ ବଡ ଅଫିସର ଜଣକ ଅଛନ୍ତି, ଦେଖା କରିପାରିବ ନି ବୋଲି କହି ସେଠାକାର ଦାୟିତ୍ୱରେ ଥିବା ପିଅନ ମନା କରିଦେଲା ଦୟାକୁ। ତେଣୁ ଦୟା ସେଠାରୁ ଚାଲିଆସିଲା ବାହାରକୁ।

ଦୟାର କିନ୍ତୁ ସେ ଦିନ ହିଁ ଅର୍ଥର ଆବଶ୍ୟକତା ଥିଲା। ତେଣୁ ସେ ମନ ଦୁଃଖରେ ବାହାରେ ଅପେକ୍ଷା କରିଥାଏ। ସେ ଦିନର ଅଫିସ ସମୟ ସରିବାକୁ କମ୍ ସମୟ ଥାଏ। ଆଜି ଆଉ କାମ ହୋଇପାରିବ ନାହିଁ ଭାବି କାନମୁଣ୍ଡ ଆଉଁସି ଦୟା ସେଠାରୁ ଫେରି ଆସୁଥିବା ସମୟରେ ସତ୍ୟ ତା'ର ପ୍ରକୋଷ୍ଠରୁ ଆସୁଥାଏ। ନିଜ ବନ୍ଧୁ ଦୟାକୁ ଚିହ୍ନିପାରି ତା' ପାଖକୁ ଆସି ସବୁ ବିଷୟ ପଚାରିଲା ଏବଂ ଏବେ ଏକ୍ଷଣି ତା'ର କାମଟି କରିଦେବ ବୋଲି କଥା ଦେଲା। ବନ୍ଧୁକୁ ନିଜ ସାଙ୍ଗରେ ତା' ଅଫିସ ପ୍ରକୋଷ୍ଠକୁ ନେଇଗଲା ସତ୍ୟ। ସେଠାରେ ତା'ର ସବୁ କାମ କମ୍ ସମୟରେ ସାରି ଦେଲା। ଦୟା ମୁହଁରେ ହସ ଖେଳିଗଲା। ସତ୍ୟ ନିଜ ଘରକୁ ଦୟାକୁ ଡାକି ନେଇ ଆଜି ଆମ ଘରେ ଅତିଥି ରୁହ ବୋଲି କହିଲା। କିନ୍ତୁ ଉଦାରମନା ଦୟା ମୁରୁକି ହସି କହିଲା- 'ବନ୍ଧୁ, ତୁ ମୋର ଅସୁବିଧା ସମୟରେ ଏ ଯେଉଁ ସାହାଯ୍ୟ କଲୁ; ଏଥିରେ ମୁଁ ବହୁତ ଖୁସି। ଆଜି ପାଇଥିବା ଏଇ ଅର୍ଥକୁ ମୁଁ ଶୀଘ୍ର ମୋର ବିଭିନ୍ନ କାର୍ଯ୍ୟରେ ଉପଯୋଗ କରିବାକୁ ହେବ।' ଖୁସିରେ ସତ୍ୟ କହିଲା- ଠିକ୍ ଅଛି। ଆଉ ଦିନେ ତୋର ସପରିବାର ଆମ ଘରକୁ ବୁଲି ଆସିବ । ଜଣେ ବନ୍ଧୁକୁ ଆଉ ଜଣେ ବନ୍ଧୁ ଏମିତି ଅସୁବିଧା ସମୟରେ ସାହାଯ୍ୟ କରିବା ମହତ କାମ। ଯଦି ଏଇ ସରକାରୀ ସହାୟତା ଅର୍ଥରେ ତୋର କାମ ସମ୍ପାଦନ ନ ହୁଏ, ତେବେ ମୁଁ ତୋତେ ଆହୁରି କିଛି ଆର୍ଥିକ ସାହାଯ୍ୟ ମଧ୍ୟ କରିବି। ନିଃସଙ୍କୋଚରେ କହିବୁ। ଆଉ ଗୋଟିଏ ମୁଖ୍ୟ କଥା । ମୋର ଅନେକ ଧନୀ ସହକର୍ମୀ ବନ୍ଧୁ ଅଛନ୍ତି । କିନ୍ତୁ ତୋ ଠାରୁ ମୁଁ ବନ୍ଧୁ ଭାବରେ ଯେଉଁ ସ୍ନେହ, ଭଲପାଇବା, ଆନ୍ତରିକତା ପିଲାଟି ଦିନରୁ ପାଇଆସୁଅଛି, ତାହା ମୁଁ ଆଉ କେଉଁଠାରୁ ପାଉ ନାହିଁ।' ଦୟାକୁ ନିଜ ବନ୍ଧୁର ହୃଦୟର ଭାଷାକୁ ଚିହ୍ନିବାରେ ବିଳମ୍ୱ ହେଲା ନାହିଁ। ଦୁହେଁ ମୁହଁକୁ ମୁହଁ ଦେଖାଦେଖି ହୋଇ ଖୁସିରେ ହସି ଉଠିଲେ।

ବାସ୍ତବରେ ଜଣେ ଗରିବ ବନ୍ଧୁ ପାଖରୁ ସର୍ବଦା ସ୍ନେହ, ଆନ୍ତରିକତା ଓ ସମ୍ମାନ ମିଳିଥାଏ। ତେଣୁ ଗରିବ ଭାବିକି ନିଜ ବନ୍ଧୁକୁ କେବେ ଅବହେଳା ଏବଂ ଅଣଦେଖା ନ କରି ସମ୍ମାନର ସହ ବନ୍ଧୁତା ବଜାୟ ରଖିବା ଉଚିତ।

+ ବୀରମହାରାଜପୁର, ସୁବର୍ଣ୍ଣପୁର
(ମୋ) ୯୭୭୭୯୧୦୭୨୮

# ବସନ୍ତ ପଂଚମୀ ଆସୁଛି....

## ରାମଚନ୍ଦ୍ର ବେହେରା



ବସନ୍ତ ପଂଚମୀ ଆସୁଛି
ଶ୍ରଦ୍ଧାଭାବ ମନେ ଜାଗିଛି
ମାତା ସରସ୍ୱତୀ ମର୍ତ୍ତ୍ୟକୁ ଆସିବେ
ସେଥିପାଇଁ ଧରା ହସୁଛି।

ଧବଳ ବସନ ଦେହରେ
ବୀଣା ଓ ପୁସ୍ତକ ହସ୍ତରେ
ହଂସ ବାହନରେ ମାତା ବୀଣାପାଣି
ବିରାଜିବେ ପୁଣ୍ୟ ମହୀରେ।

ବିଦ୍ୟାଳୟେ ପୂଜା ପାଇବେ
ଛାତ୍ରଂକ ମନକୁ ମୋହିବେ
ସରାଗରେ ମାତା ବିଦ୍ୟା ବୁଦ୍ଧି ଜ୍ଞାନ
କରୁଣା ବରଷା କରିବେ।

ମାତାଂକ ଆଶିଷ ବଳରେ
ମହାଜ୍ଞାନୀ ଆଖ୍ୟା ପାଇରେ
ମୂର୍ଖ କାଳିଦାସ ସଂସ୍କୃତ ଭାଷାରେ
ଲେଖିଥିଲା ବହୁ ଶାସ୍ତ୍ରରେ।

ଆସ ଏହି ପୁଣ୍ୟ ଦିନରେ
ମାତାଂକୁ ପୂଜିବା ଭକ୍ତିରେ
ଫଳ ପୁଷ୍ପ ଦେଇ ଆଳତୀ କରିବା
ବନ୍ଦନା ଗାଇବା ଶ୍ରଦ୍ଧାରେ।


ଦେବୀଂକୁ କରିବା ପ୍ରାର୍ଥନା
ମନେ ଭରି ଭକ୍ତି ଭାବନା
ଅଜ୍ଞାନ ଅନ୍ଧାର ଦୂର କରି ମାତ
ପୂରଣ କରିବେ କାମନା।

ତାଂକ ନାମ ମନେ ସୁମରି
ସତ୍ୟ ନ୍ୟାୟ ଧର୍ମ ଆଦରି
ନିତି ଦିନ ଆମେ ପାଠକୁ ପଢିବା
ଜିଣିବା ହୃଦୟ ସବୁରି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଉଚ୍ଚ ମନା ସଦା ଅମୃତ ଲଭେ

## ପ୍ରଭାସିନୀ ବରାଡ



ଦିନେ ମଧୁ ତା' ପୁଅ ବାବୁଲାକୁ ସାଥିରେ ନେଇ ପାଖ ସହରରେ ପହଞ୍ଚିଲା । ସେଠାରେ ଏକ ଅଫିସରଙ୍କ ଘରେ ରହି ବାବୁଲା କାମ କରିବ, ଏ କଥା ବାଟରେ ପୁଅକୁ ବୁଝାଇ ଦେଇଥିଲା। ବାବୁ ଘରେ କେତେ ଭଲମନ୍ଦ ଖାଇବାକୁ ମିଳିବ , ପଇସା ମିଳିବ , ପୁଣି ସାର୍ଟପ୍ୟାଣ୍ଟ । ମନେ ମନେ ମଧୁର ଖୁସି କହିଲେ ନ ସରେ । ଭାବିଲା ପୁଅକୁ କୌଣସି ମତେ କିଛି କାମରେ ଲଗାଇ ଦେଲେ କାମ ତୁଟିବ ସେ କିଛି କିଛି ପିଲାଦିନୁ ରୋଜଗାର କରିବ । ପାଠରୁ କ'ଣ ଅବା ମିଳିବ ତା' କୁ ।

ହେଲେ ଚଉଦ ବରଷର ବାବୁଲା, ଇଚ୍ଛା ଥାଏ ପିଲା ମାନଙ୍କ ପରି ପାଠ ପଢିବ, ବଡ ହାକିମ ହେବ । ମନେ ମନେ କେତେ କଥା ଭାବିଥିଲା ବାବୁଲା, କିନ୍ତୁ ତା' ବାପା ଡରରେ କାମ କରିବାକୁ ତାକୁ ଆସିବାକୁ ପଡିଲା । ସହରକୁ ଆସି ପରିସ୍ଥିତିରେ ପଡି ସେ କିଛି ଦିନ କାମ କଲା ପରେ ପରେ ଆଉ ତା'ର ବେଶୀ କାମରେ ମନ ଲାଗିଲା ନାହିଁ । ସବୁବେଳେ ଇଚ୍ଛା କେମିତି ପଢିବ ହିଁ ପଢିବ । ସଅଳ ସଅଳ ଘର କାମ ତୁଟାଇ ଦେଇ ବାବୁଙ୍କ ପୁଅ ସଂପଦ୍, ଟିୟୁସନ କଲାବେଳେ ଟିକିଏ ଦୂରରେ ରହି ବାବୁଲା ସବୁ ଶୁଣିବାରେ ଲାଗିଲା । ପାଠକୁ ଆଗ୍ରହ ସହକାରେ ଖୁବ୍ ଶୀଘ୍ର ମନେ ରଖିବା ସହିତ ଅନ୍ୟ ସମୟରେ ସୁବିଧା ମିଳିଲେ ସଂପଦ୍ ସହ ପାଠ ବିଷୟରେ ଆଲୋଚନା ମଧ୍ୟ କଲା । ବିଭିନ୍ନ ଗୀତ, ଗପ, ବିଜ୍ଞାନ ଭିତ୍ତିକ କଥା, ଗଣିତ ସୂତ୍ର ଇତ୍ୟାଦି ମନଦେଇ ଶୁଣିଲା । ସବୁଠାରୁ ବଡ କଥା ହେଲା ବାବୁଘରେ ସମସ୍ତଙ୍କୁ ସେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରେ । ଯେତେବେଳେ ବାବୁ ଓ ବାବୁଆଣୀ ସଂପଦକୁ କିଛି ଶିକ୍ଷା ଦେଉଥାନ୍ତି, ଭଲ ପାଠ ପଢିଲେ ଭଲ ମଣିଷ ହେବ, ସବୁ କଥା ଜାଣି ପାରିବ , ସର୍ବଦା ସତ କହିବ, ସମସ୍ତଙ୍କୁ କିପରି ଉତ୍ତମ ବ୍ୟବହାର ଆଚରଣ ପ୍ରଦର୍ଶନ କରିବ ଗୁରୁଜନଙ୍କୁ ମାନିବ ଏ ସବୁ ଭଲ ଉପଦେଶ ବାବୁଲା ମନ ଭରି ଶୁଣେ। ମନେ ମନେ ଭାବେ ମୁଁ ନିଶ୍ଚୟ ବଡ ଓ ଭଲ ମଣିଷ ହେବି ।

ଏଣେ ପୁଅକୁ କିଛି ଦିନ ହେଲା ନ ଦେଖି ବାବୁଲା ମା'ର ମନ ଛଟପଟ ହେଉଥାଏ । ସେ ବାବୁଲା ବାପା ଠାରୁ ଠିକଣା ଆଣି ଚାଲି ଚାଲି ଗାଁ' ଗଣ୍ଡା, ନଦୀ, ବିଲମାଳ ଡେଇଁ ସହରରେ ଦିନେ ଯାଇ ବାବୁ ଘରେ ପହଞ୍ଚିଗଲା । ପୁଅକୁ ପାଖରେ ବସାଇ ମୁଣ୍ଡ କୁ ଆଉଁସି ଭଲମନ୍ଦ କଥା ପଚାରି ବୁଝିଲା । ବାବୁଲାର ଗୋଟିଏ ଜିଦି ମୁଁ ଗାଁ କୁ ଯିବି ମା' ପୁଣି ପାଠ ପଢିବି, ମୁଁ ଆଉ ପିଲା ଦିନୁ କାମ କରି ମୂର୍ଖ ହେବି ନାହିଁ । ପିଲାର ଜିଦି ପଢିବା ପାଇଁ, ବାବୁଲାର ମା' କ'ଣ ବା ଆଉ କରିଥାନ୍ତା; ପୁଅର ମନ କଥା ବାବୁଙ୍କୁ କହି ବାବୁଲାକୁ ସାଥିରେ ଧରି ଗାଁ'କୁ ଫେରିବାକୁ ବାହାରିଲା ।

ବାବୁଲାର ଅଧିକ ପଢିବା ପ୍ରତି ଆଗ୍ରହ ଦେଖି ବାବୁ ଖୁସି ହେଲେ । ମନା ନକରି କିଛି ପଇସାପତ୍ର ଦେଇ ବିଦାୟ ଦେଲେ ।

ମା ' ପୁଅ ଚାଲି ଚାଲି ଆସିବା ବାଟରେ ଅଧିକ ପାଦ ଚଲା ହେତୁ କ୍ଳାନ୍ତ ହୋଇ ପଡିଲେ। ତା' ପରେ ଗୋଟିଏ ଗଛ ମୂଳ ଦେଖି କିଛି କ୍ଷଣ ଶୋଇ ପଡିଲେ । ନିଦରେ ନିଦରେ ବାବୁଲା ମା'ଏକ ସପନ ଦେଖିଲା .. ସେହି ଗଛ ଉପରେ ଶୁଆ ଶାରି ଦୁଇଟି କଥା ହେଉଥିଲେ ..।

'ଶୁଆ କହୁଥାଏ ଶାରଷକୁ ଜାଣିଛୁନା ଶାରୀ ଏ ଯୋଡ ମା' ପୁଅ ଗଛ ତଳେ ଶୋଇଛନ୍ତି, ସେହି ପୁଅଟିର ଭାଗ୍ୟ ବଡ ବଳୁଆ ଲୋ, ବଡ ହେଲେ ସେ ବଡ ମଣିଷ ହେବ ତା' ଜନ୍ମ ଜାତକ କହୁଛି ଏବେ ଦେଖୁନୁ ଖାଲି ପଢିବ ପଢିବ ହେଉଛି, ମା' ସାଥିରେ ସହରରୁ ଗାଁକୁ ଫେରୁଛି ଦେଖେ ।

ଶୁଆ କଥା ଶୁଣି ଶାରୀ କହିଲା, ହେଲେ ତା' ବାପା ତ ରାଜି ନାହିଁ ପଢାଇବାକୁ ଦେଖାଯାଉ ମା' ପଢାଉଛି କି ପୁଣି କାମ କରାଉଛି ।

ଶୁଆ କହିଲା ତା ମା ' ଯଦି ପରିଶ୍ରମ କରି କିଛି ରୋଜଗାର ଅଧିକ କରିପାରିବ ତେବେ ପୁଅକୁ ନିଶ୍ଚୟ ପଢାଇ ପାରିବ । ଏ ପିଲା ଭଲ ନାଁ କରିବ, ତା 'ର କେଡେ ଦୃଢ ଇଚ୍ଛା ଦେଖୁନୁ, ପୁଣି କେମିତି ଉଚ୍ଚ ମନ । ତା' ଘରର ଭାଗ୍ୟ ବଦଳିଯିବ । କହି ଶୁଆ ଶାରୀ ଦୁଇଟି ଫୁର୍ କିନା ଉଡିଗଲେ ।

ହଠାତ୍ ବାବୁଲା ମା'ର ନିଦ ଭାଙ୍ଗିଗଲା ସପନ କଥା କିଛି ଭାବିଲା ଚାରିଆଡେ ଅନାଇଲା, ପୁଅକୁ ଉଠାଇ ଘରକୁ ଗଲା । ତା ପରେ ଯେତେ କଷ୍ଟ ପଡିଲା ପଛେ ବାବୁଲାର ମା' ପୁଅକୁ ପାଠ ପଢାଇଲା । ସ୍କୁଲରେ ସାର୍ ବାବୁଲା ବାପାଙ୍କୁ ବହୁତ କିଛି ବୁଝାଇ କହିଲେ। ଏ ପରି ପାଠ ପଢା ବୟସରେ ପିଲାଙ୍କୁ ଅନ୍ୟ କାମରେ ଲଗାଇବା ଉଚିତ୍ ନୁହେଁ । ଏହା ଆଇନ ଗତ ଅପରାଧ । ବାବୁଲା ବାପା ନିଜ ଭୁଲ ବୁଝି ପାରିଲା ଏଥର ବାବୁଲାକୁ ନିଶ୍ଚୟ ପଢାଇବ ଶପଥ ନେଲା । ବାବୁଲା ମା' ସପନ କଥା ମଝିରେ ମଝିରେ ଭାବୁଥାଏ । ସତରେ ଯଦି ସପନ ସତ ହୋଇ ଯିବ ତେବେ ତା'କୁ ଏତେ ଦୁଃଖ କରିବାକୁ ଆଉ ପଡିବ ନାହିଁ । ଧୀରେ ଧୀରେ ବାବୁଲା ବଡ ହୋଇ ଅଧିକରୁ ଅଧିକ ପଢିଲା । ପରି ଶେଷରେ ଭଲ ସରକାରୀ ଅଫିସର ଚାକିରି ଖଣ୍ଡିଏ କଲା । ପରିବାର ସହିତ ବହୁତ ଭଲରେ ଦିନ କଟାଇଲା । ତା ' ବାପା ମା' ର ଦୁଃଖ ଗଲା । ବାବୁଲାର ଦୃଢ ଇଚ୍ଛା ଶକ୍ତି ଓ ଉଚ୍ଚ ମନ ବଳ ଯୋଗୁଁ ସବୁ ସମ୍ଭବ ହୋଇ ପାରିଲା । କଥାରେ ଅଛି 'ଉଚ୍ଚ ମନା ସଦା ଅମୃତ ଲଭଇ, ନୀଚ ମନା ଲଭେ ବିଷ' । ତେଣୁ ନିଜର ଇଚ୍ଛା ଶକ୍ତି ଥିଲେ ଅସାଧ୍ୟ କାମ ସାଧ୍ୟ ହୋଇ ପାରିବ ।

ଶ୍ରୀବିହାର, କଲେଜ ରୋଡ, ନୟାଗଡ
ପିନ୍ - ୭୫୨୦୬୯
ମୋ:୮୯୧୭୨୯୯୫୭୬

# ରଖିବା ଭାଷା ଟେକ

## ଧ୍ରୁବ ଚରଣ ଘିବେଲା

ଭାଷା ବିଭବ ଭାଷା ସମ୍ପଦ
ଭାଷା ଅମୂଲ୍ୟ ନିଧି
ଆମ ଓଡ଼ିଆ ଭାଷା ବଢ଼ିଆ
ଆଣିଛି ପରିଚିତି ।

ଭାଷା ଜନନୀ ଅଟଇ ନିଷ୍ଠେ
ଭାଷା ବି ସ୍ରୋତସ୍ୱିନୀ
କୋଳେଇ ନିଏ କଥିତ କେତେ
ଭାଷା ଆଦରି ଜାଣି ।

ସମୃଦ୍ଧ ଆଜି ଓଡ଼ିଆ ଭାଷା
ନେଇ କଥିତ ଶବ୍ଦ
କେତେ କଥିତ ଭାଷାକୁ ନେଇ
ଭାଷା ଆମ ସମୃଦ୍ଧ ।

ଭାଷା ଆଧାରେ ଓଡ଼ିଶା ରାଜ୍ୟ
ଗଠିତ ହୋଇଅଛି
ରାଜ୍ୟ ଭିତରେ କେତେ କଥିତ
ଭାଷା କୁହାଯାଉଛି ।

ସବୁ କଥିତ ଭାଷା ସହିତ
ଆମ ଭାଷା ସମୃଦ୍ଧ
ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇ
ବିଶ୍ୱେ ଆଜି ବନ୍ଦିତ ।

ଭୀମଭୋଇଙ୍କ ଅମୃତ ବାଣୀ
ସେଇ ଓଡ଼ିଆ ପଂକ୍ତି
ସ୍ଥାନ ପାଇଛି ଶୋଭାପାଉଛି
ଜାତିସଂଘ ଠି (ସେ) ଉକ୍ତି ।

(ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ' ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।)

ଝଟକେ ଏ ଉକ୍ତି ଜାତିସଂଘଠି
ଧନ୍ୟ ଓଡ଼ିଆ କବି
ଓଡ଼ିଆ ହୋଇ ସୃଜିଛ ସାଜି
ସନ୍ଥ ସାହିତ୍ୟ ରବି ।

ଓଡ଼ିଆ ଆଜି ସମୃଦ୍ଧ ଭାଷା
ସୁନ୍ଦର ଭାଷା ମଧ
ଓଡ଼ିଆ ହୋଇ ଓଡ଼ିଆ କହି
ରଖିବା ଭାଷା ଟେକ ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

# ବାଲି

## କୀର୍ତ୍ତନ ସାହୁ

ବାଲିରେ ବାଲି କେତେ ଯେ ବାଲି
ନଈ ବାଲିକୁ ଦେଖ
ପାରୁଛ ଯଦି ବାଲିକୁ ନେଇ
କବିତା ଗୋଟେ ଲେଖ ।

ଠାକୁର ପାଖେ ପୂଜା ବେଳରେ
ବାଲି ଯେ ହୁଏ ଲୋଡା
ଘର କାମରେ ଇଟା ପଥର
ବାଲିରେ ହୁଏ ଯୋଡ଼ା ।

ପାହାଡ ଦେହୁ ପଥର ଖସି
କ୍ରମେ ହୁଅଇ ବାଲି
ବାଲିରେ ଥିବା ଗୋଡ଼ି ପଥର
ଛାଣଇ ସିନା ଜାଲି ।

ଖାଲ ଖମାକୁ ପୋତିବା ପାଇଁ
ବାଲି ଯେ ଲୋଡା ହୁଏ
ଶକତ କରି ରଖିବା ପାଇଁ
ବାଲି ପରି କେ ନୁହେଁ।

ବାଲିରେ ଗଢା ହୁଅଇ କେତେ
ଜିନିଷ ଭଳି ଭଳି
କେଡ଼େ ସୁନ୍ଦର ଜିନିଷ ହୁଏ
ମାଟି ବାଲିକୁ ଦଳି ।

ବାଲିକୁ ହେୟ ମଣିବା ନାହିଁ
କେତେ କାମରେ ଲାଗେ
ଉପକାର ତା ଜାଣିଲେ ଆମ
ହୃଦେ ମମତା ଜାଗେ।
ଃଃଃ

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
(ମୋ) ୯୪୩୮୪୧୪୭୦୧



# ମନ୍ଦ କାମ କରନା

## ଅରୁଣ କୁମାର ପଣ୍ଡା

ହନୁବୁଢ଼ା ଫେରୁଥିଲା
ଚାନ୍ଦବାଲି ହାଟରୁ
କୁକୁରଟି ଆସୁଥିଲା
ସଦାଶିବ ମଠରୁ।

ହନୁର ଝୁଲାରେ ଥିଲଶ
ଫଳ, ମୂଳ ବଢ଼ିଆ
କୁକୁରର ପକେଟରେ
ଥିଲା ଭୋଗ ପୁଡ଼ିଆ।

ଦୁହିଁଙ୍କର ଭେଟାଭେଟି
ହେଲା ମଝି ବାଟରେ
'କୁଆଡ଼େ ଆସିଲ ବାବୁ'
ହନୁ କହେ ଥଟ୍ଟାରେ।

'ମଠରୁ ଫେରୁଛି ପରା
ନିଅ ଏହି ପ୍ରସାଦ
ଜାଣିଛି ମୁଁ ହନୁ ଭାଇ
ଏହା ତୋର ପସନ୍ଦ।'

ତା ହାତରୁ ଭୋଗ ନେଇ
ହନୁବୁଢ଼ା ଖାଇଲା
'କାହିଁକି ଶୁଖିଛି ମୁହଁ,
ମନ ଦୁଃଖେ କହିଲା।

'ମଠରୁ ତ ମିଳିଲାନି
ଆଜି ମୋତେ ଆହାର
ଭୋଗ ଛୁଇଁ ଦେଲି ବୋଲି
କରି ଦେଲେ ବାହାର।'

ହସି ହସି ହନୁ କହେ
ଦୋଷ ଆଉ ଧରନା
କଦଳୀ ଦେଉଛି ଖାଆ
ମନ୍ଦ କାମ କରନା।

+ ତୋଟାପଡ଼ା, ଘଂଟେଶ୍ୱର, ଭଦ୍ରକ-୭୫୬୧୨୯
ମୋ: ୯୯୩୭୬୭୨୭୦୮

# ନାନାବାୟା ଗୀତ

## ନୀଳମଣି ଚାନ୍ଦ

କେଶ ରଙ୍ଗ ପରି ସିଲଟ ଦିହ
ଦୁଇଟା କିଣିକି ଦୁହିଁଙ୍କୁ ଦିଅ
ଆ'ରେ ଆହାନ୍ ପାଖକୁ ଆ'
ଆରବ୍ ସିଲଟ ଗାରୋଉ ଥାଆ।

ଲବ କୁଶ ପରି ଜାଆଁଳା ଭାଇ
'ଆନା' କହି ଅଣ୍ଡା ଦିଅନ୍ତି ଖାଇ
ସିଲଟ ଧରିକି ପଢିବେ ପାଠ
ଦେବାନିରେ ତାଙ୍କୁ ମାଡ କି ଛାଟ।

ସିଲଟ କଳାକୁ ଖଡ଼ି ଯେ ଧଳା
ଦୁହିଁଙ୍କ ହାତରେ ସୁନାର ବଳା
ସୁନା ପରି ସିଏ ହୁଅନ୍ତୁ ସୁନା
ଘରର ଦରବ ନ କରି ଚୂନା।

ଛବି ବହି ପରା ତାଙ୍କରି ବହି
ଖେଳରେ ମାତନ୍ତି କିଛି ନହି
କହନ୍ତି ସିଏରେ ଦରୋଟି କଥା
ଗପଟି କହିଲେ ଝୁଲାନ୍ତି ମଥା।

ଅପା କହେ ବେଗି ବଡ଼ ଯେ ହୁଅ
ଚଗଲ ମଗଲ ଭଲ ତ ନୁହଁ
ବାଜିଆ, ଆରୁଣି ପରିକା ହେବ
ଘର ପାଇଁ ସୁନାମ ଆଣି ଦେବ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ମା' ସରସ୍ୱତୀଙ୍କ ପୂଜା ଆସିଲା

## ଡ. ଦୀପକ କୁମାର ମିଶ୍ର

ବିଦ୍ୟାଦାୟିନୀ ମାଆ ସରସ୍ୱତୀ
କରିବେ ଆଗମନ
ସଜବାଜରେ ବିଦ୍ୟାଳୟ ସାରା
ଉଠିବହୋଇ ଉଛନ ।

ନୂଆ ପୋଷାକ ପିଲାଏ ପିନ୍ଧି
ନଡ଼ିଆ ହାତରେ ଧରି
ଧାଡ଼ିରେ ଯାଇ ପୂଜାଟେ କରି
ମୁଣ୍ଡିଆ ମାରିବେ ଥିରି ।

ଗୁରୁଜୀ ଗୁରୁମା ଗୁରୁଜନଙ୍କୁ
ପ୍ରଣାମ କରିବେ ପିଲେ
ଆଶିଷ ଥିଲେ ମୁଣ୍ଡ ଉପରେ
ପାଠଟି ହେବ ଭଲେ ।

ଅରୁଆ ଭାତ ଭୋଜିଟେ ହେବ
ସାଙ୍ଗରେ ଡାଲମା ଖିରି
ଖୁସି ମନରେ ଖାଇକି ପେଟେ
ଘରକୁ ଆସିବେ ଫେରି ।

ଏହି ପରିକା ବର୍ଷରେ ଥରେ
ପୂଜା ପାଳନ ହୁଏ
ମା' ସରସ୍ୱତୀ ନହେଲେ ଖୁସି
ମୁଣ୍ଡରୁ ପାଠ ଯାଏ ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

CMYK

# ଉତ୍ତରାଂଚଳ ରାଜସ୍ୱ ଆୟୁକ୍ତଙ୍କ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଅଗ୍ରଗତି ନେଇ ସମୀକ୍ଷା

ଝାରସୁଗୁଡ଼ା , ୦୯/୨ (ନି,ପ୍ର): ଦିନିକିଆ ଝାରସୁଗୁଡ଼ା ଗସ୍ତ ଅବସରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ସମୀକ୍ଷା କରିଛନ୍ତି ଉତ୍ତରାଂଚଳ ରାଜସ୍ୱ ଆୟୁକ୍ତ ଶ୍ରୀକାନ୍ତ ପୃଷ୍ଟି। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଜନାଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜସ୍ୱ ଆୟୁକ୍ତ। ଆୟୁକ୍ତ ଏହି ଅବସରରେ ଯୋଜନା/ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ବେଳେ ସ୍ୱଚ୍ଛତା ଅବଲମ୍ବନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ଲୋକମାନଙ୍କୁ ପାନୀୟ ଜଳ ଯୋଗାଣ ନେଇ ସମୀକ୍ଷା ଅବସରରେ ଆୟୁକ୍ତ ସମସ୍ତଙ୍କ ନିକଟରେ ଯେପରି ପାନୀୟ ଜଳ ଉପଲବ୍ଧ ହେବ ସେଥିପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ଜିଲ୍ଲାରେ ରାଜସ୍ୱ ଆଦାୟ, ରେକର୍ଡ ରୁମ୍ ପରିଚାଳନା, ହାଇଟେକ ସର୍ଭେ, ଜାଗା ମିଶନ, ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଅର୍ଥ କମିଶନ ପ୍ରଦତ୍ତ ଅନୁଦାନ ଖର୍ଚ୍ଚ ସହ ବିଭିନ୍ନ ଯୋଜନା/ପ୍ରକଳ୍ପ ବାବଦକୁ ଆସୁଥିବା ଅର୍ଥର ଖର୍ଚ୍ଚର ସଠିକ ହିସାବ ରଖିବା ସକାଶେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ଆୟୁକ୍ତଙ୍କୁ ଅବଗତ କରାଇଥିଲେ। ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଯୋଜନା ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ନେଇ ଆୟୁକ୍ତ ସନ୍ତୋଷ ପ୍ରକାଶ କରିଥିଲେ।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

# ଚାନ୍ଦପୁର ମହାବୀର କ୍ରିକେଟ ଉଦ୍‌ଘାଟିତ

କୋରେଇ, ୦୯/୨ (ନି,ପ୍ର): ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ମହାବୀର କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍ଘାଟିତ ହୋଇଛି । ଏହି ଟୁର୍ଣ୍ଣାମେଂଟରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ୯ ଦିନ ବ୍ୟାପି କ୍ରିକେଟ ପ୍ରତିଯୋଗିତା ଚାଲୁ ରହିବା ସହ ୧୫ ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଂଟକୁ ମୁଖ୍ୟ ଅତିଥିଭାବେ ସମାଜସେବୀ ସୂର୍ଯ୍ୟମଣି ପଣ୍ଡା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଟୁର୍ଣ୍ଣାମେଂଟର ଉଦ୍ଘାଟନୀ ମ୍ୟାଚ ଟିଏସକେ ବନାମ ମାମାସ ଚଏସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମାମାସ ଚଏସ ଟସ ଜିଣି ବ୍ୟାଟିଙ୍ଗ କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୯ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୬୪ ରନ ସଂଗ୍ରହ କରିଥିଲା । ଜବାବରେ ଟିଏସକେ ୭ଓଭରରେ ୬୫ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଏହି ମ୍ୟାଚକୁ ଶିବ ପରିଡା ଓ ବାଦଲ ସାମଲ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ କଳ୍ପନା ପରିଡା, ବଳରାମ ସାହୁ ଓ ଭାଷ୍ୟକାରଭାବେ ଅଂଶୁମାନ ସ୍ୱାଇଁ ଓ ମୁଶିନ ଯୋଗଦାନ କରିଥିଲେ ।

# ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଘଟଣାରେ ଆଉ ଦୁଇ ଅଦାଲତ ଚାଲାଣ

କୋରେଇ, ୦୯/୨ (ନି,ପ୍ର): ପାଣିକୋଇଲି ପୁଲିସ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଘଟଣାରେ ବୁଧବାର ଦିନ ମୂଖ୍ୟ ଅଭିଯୁକ୍ତ ଏହି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ଜୈନିକ ବ୍ୟକ୍ତିଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିବା ବେଳେ ଗୁରୁବାର ଦିନ ଉକ୍ତ ଘଟଣାରେ ଜଡ଼ିତ ଦୁଇ ଜଣ ଯୁବକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଏହି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ଜୈନେକା ଯୁବତୀର ଅଭିଯୋଗନୁସାରେ ଅଭିଯୁକ୍ତ ଏହି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ରାଣା ପ୍ରତାପ ସିଂହ ଉକ୍ତ ଯୁବତୀଙ୍କୁ ଧରମ ଝିଅ କରିଥିଲେ। ତେବେ ଦିନେ ଉକ୍ତ ଯୁବତୀ ଜଣକ କୌଣସି କାମରେ ତାର ସାଙ୍ଗ ଘରକୁ ଯାଇଥିବା ବେଳେ ତାର ଘରେ କେହି ନଥିବାର ସୁଯୋଗ ନେଇ ରାଣା ପ୍ରତାପ ତା ସହିତ ଜୋର ଜବରଦସ୍ତ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଯୁବତୀଙ୍କୁ ଏ ନେଇ କ୍ଷମା ମାଗିବା ସହିତ କଥା ବାହାରେ ପ୍ରଘଟ ନ କରିବାକୁ ଅନୁରୋଧ କରିଥିଲା। ଏହାର କିଛି ଦିନ ପରେ ମଧ୍ୟ ଉକ୍ତ ଯୁବତୀଙ୍କୁ ତାର ଫଟୋ ଭାଇରାଲ କରିଦେବ ବୋଲି କହି ପୁଣି ବାରମ୍ବାର ଜୋର ଜବରଦସ୍ତ ତାର ସହିତ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲା ଓ ଏକଥା ବାହାରେ ପ୍ରଘଟ କଲେ ତାର ଫଟୋଗୁଡ଼ିକୁ ଭାଇରାଲ କରି ଦେବ ବୋଲି ଧମକ ଦେଇଥିଲା। ତେବେ ଏହାର କିଛି ଦିନ ପରେ ଉକ୍ତ ଯୁବତୀଙ୍କ ବାହାଘର ସ୍ଥିର ହୋଇଥିବା ଜାଣି ରାଣା ଉକ୍ତ ଯୁବତୀଙ୍କ ଅଶ୍ଳୀଳ ଫଟୋ ଗୁଡ଼ିକୁ ଭାଇରାଲ କରିଦେଇଥିଲା। ଏହାକୁ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏ ନେଇ ଏକ ମାମଲା ୮୦/୨୪ ରୁଜୁ କରିବା ସହିତ ଅଭିଯୁକ୍ତ ରାଣାକୁ ବଳାତ୍କାର ଓ ଆଇଟି କେଶରେ ଗିରଫ କରି ଅଦାଲତ ଚାଲାଣ କରିଥିବା ବେଳେ ଗୁରୁବାର ଦିନ ଉକ୍ତ ଘଟଣାରେ ଜଡ଼ିତ ଦୁଇ ଜଣ ଯୁବକ ପଥରପଦା ଗ୍ରାମର ବ୍ରହ୍ମାନନ୍ଦ ବାରିକଙ୍କ ପୁଅ ଗଣେଶ ଓ ଯଦୁମଣୀ ବାରିକଙ୍କ ପୁଅ ପରମାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ତଦନ୍ତକାର ଅଧିକାରୀ ଥାନାର ଇନିସପେକ୍ଟର ଲିଜାରାଣୀ ବିଶ୍ୱାଳ ସୂତ୍ରରୁ ପ୍ରକାଶ।

# ଶ୍ରୀମନ୍ଦିର ଉତ୍ତରଦ୍ୱାର ଗୁମୁଟ ଫାଟିବାକୁ ନେଇ ଭକ୍ତଙ୍କ ଚିନ୍ତା

ପୁରୀ, ୦୯/୨ (ନି,ପ୍ର): ଶ୍ରୀମନ୍ଦିର ଉତରଦ୍ୱାର ଗୁମୁଟରେ ଫାଟ ଚିହ୍ନଟ ହେବା ପରେ ଏହାର ସ୍ଥାୟୀତ୍ୱକୁ ନେଇ ଭକ୍ତଙ୍କ ମନରେ ଉଦବେଗ୍ ପ୍ରକାଶ ପାଇଛି। ବହୁ ପୁରାତନ ଏହି ଗୁମୁଟଟି ପୂର୍ବରୁ ସୁରକ୍ଷିତ ରହିଥିବା ବେଳେ ଏହା ସମ୍ମୁଖ ରାସ୍ତାରେ ବଡ଼ ବଡ଼ ମେସିନ କମ୍ପନ ସୃଷ୍ଟି କରି ଘର ଭାଙ୍ଗିବା , ନାଳ ଖୋଳିବା, କଂକ୍ରିଟ ରାସ୍ତା ତାଡ଼ିବା ପ୍ରଭାବରେ ଗୁମୁଟ ଫାଟିଥିବା ଭକ୍ତ ସନ୍ଦେହ କରୁଛନ୍ତି । ଉତରଦ୍ୱାରଟି କୋଇଲି ବୈକୁଣ୍ଠକୁ ରାସ୍ତା ରହିଛି । ନବକଳେବର ସମୟରେ ପ୍ରଭୁଙ୍କ ଦାରୁ ଏହି ବାଟ ଦେଇ ଶଗଡ଼ିରେ ନିଆ ଯାଇଥାଏ । ଏହାକୁ କେତେକ ଭକ୍ତ ଶଶ୍ମାନ ଦ୍ୱାର କହୁଥିବାରୁ ଏହି ଦ୍ୱାର ସନ୍ଧ୍ୟା ହେଲେ ବନ୍ଦ ରହୁଥିଲା । ଶବ୍ଦ ଓ କମ୍ପନ ନଥିବାରୁ ଗୁମୁଟ ଛାତ ତଳେ ହଜାର ହଜାର ସଂଖ୍ୟାରେ ଚେମେଡ଼ି ଚଟିଆ ବାସ କରୁଥିଲେ । ବିପଦ ଆଶଙ୍କା କରି ଚେମେଡ଼ି ଚଟିଆ ମାନେ ଉଡ଼ି ଯାଇଛନ୍ତି । ଏହି ଦ୍ୱାର ଦେଇ କେତେକ ନିୟମ ଅନୁଯାୟୀ ପ୍ରବେଶ କରିବା ବିଧି ରହିଛି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନାମରେ ସେହି ଅଞ୍ଚଳ ଖୋଳିବା ତାଡ଼ିବା ବହୁ ଦିନ ଧରି ଚାଲୁ ରହିଥିଲା । ଉତରଦ୍ୱାର ସମ୍ମୁଖରେ ପାଣିପାଇପ,ବିଦ୍ୟୁତ୍ କେବୁଲ, ସ୍ୱରେଜ,ଜଳନିଷ୍କାସନ ପାଇଁ ଅନେକ ଡ୍ରେନ କରାଯାଇଛି । ଏହି ଡ୍ରେନଖୋଳିବା ଯୋଗୁ ଭୂତଳମାଟି ଚଳଣ ପ୍ରଭାବରେ ଗୁମୁଟ ଉପରେ ଚାପ ସୃଷ୍ଟି ହୋଇଥିବା ପୁରୁଖା ଲୋକମାନେ କହୁଛନ୍ତି । ପୂର୍ବରୁ ବିଭିନ୍ନ ଶବ୍ଦ କମ୍ପ ଯୋଗୁଁ ଗୁମୁଟଟି ଦୁର୍ବଳ ଅବସ୍ଥାରେ ରହିଥିଲା ବୋଲି ଅଞ୍ଚଳବାସୀ ଆଲୋଚନା କରୁଛନ୍ତି । ଭାରତୀୟ ପ୍ରତ୍ନତତ୍ୱ ବିଭାଗ (ଏଏସଆଇ) ମନ୍ଦିର ବିଭିନ୍ନ ଅଂଶ ମରାମତି ପରେ ଆଉ କୌଣସି ଠାରେ ଫାଟ ସୃଷ୍ଟି ହେବ ନାହିଁ ବୋଲି ବାରମ୍ବାର ସଫେଇ ଦେଉଥିଲେ ମଧ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ଦେଖାଯାଉଛି । ଏହାକୁ ତୁରନ୍ତ ମରାମତି କରିବା ପାଇଁ ଭକ୍ତ ମହଲରୁ ଦାବି ହେଉଛି ।

# ୧୬ ଫେବୃୟାରୀ ଦେଶ ବ୍ୟାପି ଧର୍ମଘଟ ପାଇଁ ଏଆଇଟିୟୁସି ବଲାଙ୍ଗିର ଜିଲ୍ଲା କମିଟିର ବୈଠକ ଅନୁଷ୍ଠିତ

ବଲାଙ୍ଗିର , ୦୯/୨ (ନି,ପ୍ର): କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ସ୍ୱାଧିନ ଫେଡେରେସନ, ଆସୋସିଏସନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନରେ ୧୬ ଫେବୃୟାରି ଦେଶବ୍ୟାପି ଏଆଇସିୟୁସି ବଲାଙ୍ଗିର ଜିଲ୍ଲା କମିଟି ବୈଠକ ସ୍ଥାନୀୟ ଗୋୟଲ ଧର୍ମଶାଳା ଠାରେ ଆଜି ମଧାହ୍ନରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ତିର୍ଥ ପ୍ରଧାନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସହ ସଂପାଦକ ସାଏବୁ ନନ୍ଦ ବିବରଣୀ ଉପସ୍ଥାପନ କରି ଶ୍ରମିକ ଶ୍ରେଣୀ ସ୍କିମ ୱାର୍କର ଅଙ୍ଗନୱାଡି କର୍ମୀ, ସହାୟିକା, ଆଶା କର୍ମୀ, ମଧାହ୍ନ ଭୋଜନ ପାଚିକା ସହାୟିକା ଙ୍କ ଉପରେ କାର୍ଯ୍ୟଭାର ବଢାଇ ଥିଲେ ବି ଗତ ଭୋଟ ଅନ୍‌ଏକାଉଂଟ ତଥା କଥାକଥିତ ଅନ୍ତରିଣ କେନ୍ଦ୍ର ବଜେଟରେ ସ୍କିମ ୱାର୍କର ଙ୍କୁ ୱାର୍କର ମାନ୍ୟତା ଦେଇନ ଥିବା ଓ ଭତ୍ତା ବୃଦ୍ଧି କରିନ ଥିବାରୁ ଉଦ୍ବେଗ ପ୍ରକାଶ କରିଥିଲେ । ବଜାର ଦର ସୀମା ଲଙ୍ଘିଥିବା ବେଳେ ଏସ୍‌ଏନ୍ସି ସାମଗ୍ରୀର ବଜାର ଦର ନ ଦେଇ ସରକାର କର୍ମୀମାଙ୍କୁ ଶୋଷଣ କରୁଛନ୍ତି ବୋଲି ବଡମାଲ ମଜଦୁର ୟୁନିୟନର ସଭାପତି ମନୋଜ କୁମାର ଗୌଡ ସରକାର କର୍ମୀମାନଙ୍କୁ ଶୋଷଣ କରୁଛନ୍ତି ବୋଲି ବିକ୍ଷୋଭ ପ୍ରକାଶ କରିଥିଲେ । ଏଆଇଟିୟୁସି ଉପସଭାପତି ଦୁର୍ଯ୍ୟୋଧନ ବିଶ୍ୱାଳ ଯୋଗ ଦେଇ ସରକାରଙ୍କ ଏତାଦୃଶ ଶ୍ରମିକ ବିରୋଧି, ଜନ ବିରୋଧି ନୀତି ବିରୁଦ୍ଧରେ ଆହୁତ ଦେଶ ବ୍ୟାପି ଧର୍ମଘଟ ସଫଳତା ପାଇଁ ବଲାଙ୍ଗିର ଜିଲ୍ଲା ର ସମସ୍ତ କର୍ମୀ, ବ୍ଲକ ନିଜ ନିଜ ସମ୍ମୁଖରେ ଓ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନସାରା ଶୋଭାଯାତ୍ରା ଓ ଗଣଧାରଣା ଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ ଓ ଏହି ଧର୍ମଘଟର ସଫଳତା ପାଇଁ ସର୍ବ ସମ୍ମତି ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ କମଲ ଭୋଇ, ମାଧବି କଳତା, ପାଣ୍ଡବ ଭୋଇ, ଜଗବନ୍ଧୁ ବେହେରା, ପ୍ରଦୀପ କୁମାର କମ୍ପ, ଓମି ଗୁପ୍ତା, ସରସ୍ୱତି ଶର୍ମା, ଯଶୋବନ୍ତୀ ବେହେରା, ମମତା ବାଗ, ମୀନାକ୍ଷି ଜେନା, ବାସନ୍ତି ସେଠ, ମାଧବୀ ବେହେରା, କଲ୍ୟାଣି ସାହୁ ଓ କର୍ମକର୍ତ୍ତା ପ୍ରମୁଖ ଭାଗ ନେଇଥିଲେ ।

# କଳିଙ୍ଗ ସ୍ମାର୍ଟ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ପୁରୀ , ୦୯/୨ (ନି,ପ୍ର): ପୁରୀ ହରି ହର ବିହାର ସ୍ଥିତ କଳିଙ୍ଗ ସ୍ମାର୍ଟ ସ୍କୁଲର ବାର୍ଷିକ ତ୍ରୀ ଦିବସୀୟ କ୍ରୀଡା ଉତ୍ସବ ସ୍ଥାନୀୟ ଶରଧା ବାଲି ପଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି ।ଏହି କ୍ରୀଡା ଉତ୍ସବରେ ସମାଜିକକର୍ମୀ ଦି ବେଲ୍ ର ଅଧକ୍ଷ ସିଦ୍ଧାର୍ଥ ରାୟ ଉଦଘା ଟକ ଭାବରେ ଯୋଗ ଦେଇ ପିଲା ମାନଙ୍କୁ ସୁସ୍ଥ ରଖିବା ପାଇଁ ଫାଷ୍ଟ ଫୁଡ ରୁ ଦୂରେଇ ରଖିବା ଆବଶ୍ୟକ ବୋଲି କହିଥିଲେ ।ଏହା ସହିତ ସୁସ୍ଥ ଶରୀର ପାଇଁ ପିଲାମାନଙ୍କୁ ଯୋଗ ଓ ପ୍ରାଣାୟାମ କରାଇବା ଆବଶ୍ୟକ ବୋଲି ମତ ଦେଇଥିଲେ।ଏହି ତ୍ରି ଦିବସୀୟ କ୍ରୀଡା ଉତ୍ସବ ରେ ଛାତ୍ରଛାତ୍ରୀମାନଙ୍କ ସହିତ ଅଭିଭାବକମାନଙ୍କ ପାଇଁ ମଧ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମାର୍ଚ୍ଚ ମାସରେ ସ୍କୁଲ ର ବାର୍ଷିକ ଉତ୍ସବରେ ସମସ୍ତ କୃତି ପ୍ରରିଯୋଗୀମାନଙ୍କୁ ପୁରସ୍କର ବିତରଣ ହେବ ବୋଲି କଳିଙ୍ଗ ସ୍ମାର୍ଟ ସ୍କୁଲ ଅଧକ୍ଷ ସଞ୍ଜୟ କୁମାର ପ୍ରଧାନ କହିଛନ୍ତି।ଏହି କ୍ରୀଡା ଉତ୍ସବକୁ କଳିଙ୍ଗ ସ୍ମାର୍ଟ ସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରଜ୍ଞା ସୁଭମିତା ପ୍ରତିହାରୀ ,ସାଗରିକା ପ୍ରଧାନ, ସବିତା ରାଣୀ ଜେନା, ବିଶ୍ୱଜିତା ମିଶ୍ର,ପ୍ରିୟଙ୍କା ରଥ,ବର୍ଷାରାଣି ନାଥ ,ଜ୍ଞାନଜ୍ୟୋତି ସିଂହ,ଅନିଲ କୁମାର ସାହୁ, ଐଶ୍ୱର୍ଯ୍ୟା ମହାନ୍ତି,ସନ୍ଦୀପ ପ୍ରଧାନ ପ୍ରଭୃତି ପରିଚାଳନା କରିଥିଲେ।

# ଜନକ ପଲ୍ଲୀପ୍ରଭା ବିଦ୍ୟାୟନରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୦୯/୨ (ନି,ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ବଡବାଲିକୁଦା ପଂଚାୟତସ୍ଥ ଜନକ ପଲ୍ଲୀପ୍ରଭା ବିଦ୍ୟାୟନ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାୟନର ଦୁଇ ଶିକ୍ଷକ କ୍ରୀଡା ଶିକ୍ଷକ ଅଜୟ କମ୍ମାର ଜେନା ଓ ସଂସ୍କୃତ ଶିକ୍ଷକ ଘନଶ୍ୟାମ ଦାସଙ୍କ ଉଦ୍ଦେଶ୍ୟରେ ପ୍ରଧାନଶିକ୍ଷକ ପ୍ରଦିପ୍ତ କୁମାର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଏହି ବିଦ୍ୟାୟନର ପ୍ରାକ୍ତନଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ ଓ ସମ୍ମାନୀତ ଅତିଥିଭାବେ କୃଷ୍ଣଚନ୍ଦ୍ର ମଲ୍ଲିକ, ବରପଦା ବିଦ୍ୟାଳୟର ଶିକ୍ଷକ ଦୟାନିଧି ସାମଲ,ରଇପୁର ବିଦ୍ୟାଳୟର ଶିକ୍ଷକ ନିର୍ମଳ ଦଳାଇ,ସମରେଶ୍ୱର ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ପ୍ରଧାନ, ନିଆଳି ନୋଡାଲ ବିଦ୍ୟାଳୟର ଶିକ୍ଷକ ପ୍ରକାଶ କୁମାର ପାଲ, ଅରାବଳ ପଂଚାୟତ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ବିଶ୍ୱାଳ, ଜନକ ସରକାରୀ ବିଦ୍ୟାଳୟର ଶିକ୍ଷକ ଯୁଧିଷ୍ଠିର ଖଂଟିଆ ଓ ସାମ୍ବାଦିକ ରତିକାନ୍ତ ଜେନା ପ୍ରମୁଖ ଯୋଗ ଦେଇ ଦୁଇ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ଏହି ଅବସରରେ ବିଦ୍ୟାୟନ ପକ୍ଷରୁ ଅତିଥିମାନେ ଦୁଇ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଂଘମିତ୍ରା ସାହୁ,ରୋଜାଲିନ ସାହୁ,ଯମୁନାମଣି ହାଁସଦା ଓ ସୁବାସ ଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଶୁଭଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସ୍ଥାନୀୟ ନେତୃ ମଣ୍ଡଳୀ,ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଓ ପୁରାତନ ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଫେବୃଆରୀ -୧୬ ସର୍ବଭାରତୀୟ ଧର୍ମଘଟ ସଫଳ କରିବା ପାଇଁ ବୈଠକ

ଜୟପୁର, ୦୯/୨ (ନି,ପ୍ର): ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଆସନ୍ତା ଫେବୃଆରୀ ୧୬ ସର୍ବଭାରତୀୟ ଗ୍ରାମୀଣ ବନ୍ଦ ଓ ଶ୍ରମିକ ଆନ୍ଦୋଳନ ସଫଳ କରିବା ପାଇଁ ଏକ ବୈଠକ ଶ୍ରମିକ ନେତା ଶ୍ରୀ ପ୍ରମୋଦ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାରା ଦେଶରେ ଦରଦାମ୍ ହୁ ହୁ ହୋଇ ବଢୁଥିବା ବେଳେ ବେକାରୀ ସମସ୍ୟାକୁ ଉତ୍କଟ ହୋଇଛି। ମୋଦୀ ସରକାର ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ଥିବା ସବୁ ଆଇନକୁ ରଦ୍ଦ କରି ଚାରୋଟି କୋଡ୍ ଆଣିଛି, ଯାହାକି ଶ୍ରମିକ ମାନଙ୍କୁ ସେମାନଙ୍କ ଅଧିକାର ରୁ ବଂଚିତ କରିବ । ଏପରିକି ଆଉ ଶ୍ରମିକ ସଂଗଠନ ମଧ କରି ପାରିବେ ନାହିଁ। ସମସ୍ତ ସରକାରୀ କଳ କାରଖାନା , ଖଣି ଖାଦାନ, ରେଳବାଇ , ଏଲ୍ ଆଇ ସି , ବ୍ୟାଙ୍କ ସବୁ କିଛି ଘରୋଇ ପୁଞ୍ଜିପତି ମାନଙ୍କ ହାତରେ ଟେକି ଦେଉଛି। ଦରଦାମ୍ ଅସହ୍ୟ ଯନ୍ତ୍ରଣା ଦେଉଥିବା ବେଳେ ପେନସନ୍ ସର୍ବ ନିମ୍ନ ୯,୫୦୦ ଟଙ୍କା କରିବା ଦାବି ଓ ସୁପ୍ରିମକୋର୍ଟ ନିର୍ଦ୍ଦେଶିତ ବର୍ଦ୍ଧିତ ପେନସନ ଲାଗୁ କରିବା ପାଇଁ ଚାହୁଁନି ମୋଦୀ ସରକାର।ଡ୍ରାଇଭର୍ ମାନଙ୍କୁ ଆତଙ୍କିତ କରି ନୂଆ ହିଟ୍ ଏଣ୍ଡ୍ ରନ୍ ଆଇନ ଆଣିଛି , ଆନ୍ଦୋଳନ ଚାପରେ ତାକୁ ଲାଗୁ ନକଲେ ମଧ ଫେରସ୍ତ ନେଇ ନାହିଁ। ସେହିଭଳି ସ୍ଥାନୀୟ ସେବା କାଗଜ କଳ ଶ୍ରମିକ ମାନଙ୍କ ସମସ୍ୟା ଚାରି ବର୍ଷ ହେଇଗଲା ସମାଧାନ ହେଉନାହିଁ, ଶ୍ରମିକ ମାନେ ଚାରି ମାସର ଦରମା ପାଇବାକୁ ବାକି ଥିବା ବେଳେ କମ୍ପାନୀ କିନ୍ତୁ ୨୦୮ କୋଟି ଟଙ୍କା ଋଣ ନେଇ ହଡ଼ପ କରି ସାରିଛି । କୃଷକଙ୍କ ଦାବିକୁ ଅଣ ଦେଖା କରି ଚାଲିଛି। ମୋଦୀ ସରକାର ବିରୋଧରେ ଉଠୁଥିବା ସ୍ୱର କୁ ଚପାଇବା ପାଇଁ ସମସ୍ତ ସାମ୍ବିଧାନିକ ସଂସ୍ଥା ଯଥା ଇଡି, ସିବିଆଇ,ସିଭିସି ଆଦିର ଅପବ୍ୟବହାର କରୁଛି। ଏ ସମସ୍ତ ଦାବି ନେଇ ଆସନ୍ତା ଫେବୃଆରୀ ୧୬ ସର୍ବଭାରତୀୟ ଧର୍ମଘଟ ସଫଳ କରିବା ପାଇଁ ଶ୍ରମିକ ନେତା ଶ୍ରୀ ଯୁଧିଷ୍ଠିର ରାଉଳ ଆହ୍ୱାନ କରିଛନ୍ତି। ଆଜିର ଆଲୋଚନାରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ଦଣ୍ଡପାଣି ପାତ୍ର, ଆର୍ ଏସ୍ ପଟ୍ଟନାୟକ, ରାମକୃଷ୍ଣ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି

ଝାରସୁଗୁଡ଼ା , ୦୯/୨ (ନି,ପ୍ର): ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆନ୍ତଃରାଜ୍ୟ ସୀମା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଉତ୍ତରାଂଚଳ ପୁଲିସ୍ ଆଇଜି ହିମାଂଶୁ ଲାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବେ ?ଠକରେ ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତକୁ ଲାଗି ରହିଥିବା ଜିଲ୍ଲାଗୁଡ଼ିକର ନିର୍ବାଚନ ଅଧିକାରୀମାନେ ସାମିଲ ହୋଇ ନିର୍ବାଚନ ସମୟରେ ତଥ୍ୟ ଆଦାନ ପ୍ରଦାନରେ କିଭଳି ସମନ୍ୱୟ ରଖାଯିବ ସେନେଇ ଆଲୋଚନା କରିଥିଲେ। ସୀମାନ୍ତବର୍ତ୍ତୀ ରାଜ୍ୟଗୁଡ଼ିକ କଂଟ୍ରୋଲ୍ ରୁମ୍ ସହିତ ଯୋଡ଼ି ହୋଇ ନିୟମିତ ଭାବେ ତଥ୍ୟ ଆଦାନ ପ୍ରଦାନ କରିବା, ସୀମାନ୍ତ ଅଂଚଳରେ ଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକର ଚିହ୍ନଟୀକରଣ, ସୀମାନ୍ତ ଜିଲ୍ଲାଗୁଡ଼ିକର ପ୍ରଶାସନିକ ତଥା ପୁଲିସ୍ ଅଧିକାରୀଙ୍କ ନାମ, ମୋବାଇଲ୍ ନମ୍ବର ଆଦାନ ପ୍ରଦାନ, ଓଡ଼ିଶା-ଛତିଶଗଡ଼ ସୀମାରେ ଥିବା ଗ୍ରାମଗୁଡ଼ିକର ତାଲିକା ପ୍ରସ୍ତୁତି, ବେଆଇନ୍ ଅସ୍ତ୍ରଶସ୍ତ୍ର ଓ ମଦ ପରିବହନ ଉପରେ ସୂଚନା ଆଦାନ ପ୍ରଦାନ, ସୀମାନ୍ତ ଅଂଚଳର ସ୍ଥାୟୀ ଓ ପୁରୁଣା ୱାରେଂଟିଙ୍କ ତାଲିକା, ଗତ ନିର୍ବାଚନରେ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅପରାଧୀଙ୍କ ତାଲିକା ଆଦାନ ପ୍ରଦାନ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଝାରସୁଗୁଡା ଜିଲ୍ଲାପାଳ ଅବୋଲୀ ସୁନିଲ ନରଓ୍ୱଣେ, ରାୟଗଡ଼ ଜିଲ୍ଲାପାଳ କାର୍ତ୍ତିକେୟ ଗୋଏଲ, ସାରଙ୍ଗଗଡ଼ ଭିଲାଇଗଡ଼ ଜିଲ୍ଲାପାଳ କୁମାର ଲାଲ୍ ଚୌହାନ, ସୁନ୍ଦରଗଡ଼ ଜିଲ୍ଲାପାଳ ଡ.ଜି.ପି. ହର୍ଷଦ୍ ସାରଙ୍ଗଗଡ଼-ଭିଲାଇଗଡ଼ ଏସ୍ ପି ଆଶୁତୋଷ ସିଂ, ସମ୍ବଲପୁର ଏସ୍ ପି, ମୁକେଶ ଭାମୁ, ଝାରସୁଗୁଡ଼ା ଏସ୍ ପି ସ୍ମିତ୍ ପି ପରମାର, ସୁନ୍ଦରଗଡ଼ ଏସ୍ ପି ପ୍ରତ୍ୟୁଷ ଦିବାକର, ବରଗଡ଼ ଏସ୍ ପି ପ୍ରହଲ୍ଲାଦ ସହାୟ ମୀନା, ରାଇଗଡ଼ ଜିଲ୍ଲା ପରିଷଦ ସି ଇ ଇ ଓ ଜିତେନ୍ଦର ଯାଦବ,ବରଗଡ଼ ଏ ଡି ଏମ ସିକେ ମୋତିରାମ, ସାରଙ୍ଗଗଡ଼ ଏ ଡି ଏମ୍ ବାସୁ ଜୈନ, ଫର୍ଷାବାହାର ଯସପୁର ଏସ ଡି ଏମ୍ ପ୍ରଦୀପ ରଥିଆ , ଝାରସୁଗୁଡ଼ା ଆଇ ଏ ଏସ ପ୍ରବେଶନ ଶସ୍ୟା ରେଡ୍ଡୀ, ସମ୍ବଲପୁର ଆଇ ଏ ଏସ ପ୍ରବେଶନ ଏ. ସ୍ନେହା,ବରଗଡ଼ ଏ ଡି ଏମ୍ ଏଲ କେ ଲୁହା, ରାଇଗଡ଼ ଏସ ଡି ପି ଓ ଦୀପକ ମିଶ୍ର, ଯଶପୁର ଏସ ଡି ପି ଓ ବିନୋଦ କୁମାର, ଝାରସୁଗୁଡା ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରସନ୍ନ ପଟେଲ, ସୁନ୍ଦରଗଡ ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ପ୍ରଧାନ ରାୟଗଡ଼ ପି ଆର ଓ ରାହୁଲ , ଝାରସୁଗୁଡା ଡି ଆଇ ପି ଆରଓ ଅଜୟ ଜେନା ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟୁଲସୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୦୯/୨ (ନି,ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଇଛାପୁର ସ୍ଥିତ ତୁଳସୀ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ରବିନ୍ଦ୍ର କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କାଉନସିଲର କାଳୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, କାଉନସିଲର ପୁଷ୍ପଲତା ବେହେରା ଏବଂ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ନିରଞ୍ଜନ ସୁଆର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏଥି ସହିତ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟର ଅଧକ୍ଷା ମିନାକ୍ଷୀ ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ଶିକ୍ଷକ ରବିନ୍ଦ୍ର ନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ, ଶିକ୍ଷକ ଗଣେଶ ଚନ୍ଦ୍ର ଦାସ, ନିରଞ୍ଜନ ବସନ୍ତିଆ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମୋନାଲିସା ନାୟକ, ଲିଲି ପରିଡା, ସଂଗୀତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ବାରପୁଡୁଗିଆ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ବଲାଙ୍ଗୀର, ୦୯/୨ (ନି,ପ୍ର): ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ସ୍ଥିତ ହାୱାଗାର୍ଡେନ ଖେଳ ପଡିଆରେ ଦୁଇ ଦିବସିୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ଶିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଂଟରେ ୧୨ ଗୋଟି ଦଳ ଯଥା ବାରପୁଡୁଗିଆ, ବାନ୍ଧନଘୋର, ଗେର୍ଡି, ଭାଲୁପିଟା, ସୁନାମୁଦି, ଫୌଜିକ୍ଲବ ଲୁଚୁକିବନ୍ଧ, ଚାଂଟିମୁଣ୍ଡା, ବରଗାଁ, ବଘାପାଲି, ରାମଚନ୍ଦ୍ର ପୁର, କୁଶମେଲ ଏବଂ ସାରସପିଟା ଦଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳ ଫୌଜି କ୍ଲବ ବନାମ କୁସମେଲ କଲୋନି ମଧରେ ଅନୁଷ୍ଠିତ ହୋଇଥିଲା ଏବଂ ଫୌଜି କ୍ଲବ ଚମ୍ପିୟାନ ହୋଇଥିଲା । ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ସଦର ବ୍ଲକ ଅଧକ୍ଷା ସରିତା ବାଗ, ବରିଷ୍ଠ କଳାକାର ଦିଲ୍ଲୀପ ସିଂଦେଓ, ସମ୍ମାନିତ ଅତିଥି ଗୋଲାପ ବାଗ, ଗୋବର୍ଦ୍ଧନ କର୍ମୀ, ପ୍ରମୋଦ କର୍ମୀ, ରାଜିବ ସାହୁ, ବିଭୁ ନାଗ, ପ୍ରମୋଦ ପଟେଲ, ବିଘ୍ନରାଜ ସାଏ, ଧିରେନ୍ଦ୍ର ବିଶ୍ୱାଲ ପ୍ରମୁଖ ଯୋଗ ଦେଇ ଜ୍ୟୋତି ରଂଜନ ପାଣିଗ୍ରାହୀ ଟ୍ରଫି ବିଜୟୀ ଦଳକୁ ଏବଂ ରନର୍ସଙ୍କୁ ଲଳିତ ନାୟକ ଟ୍ରଫି ପ୍ରଦାନ କରିଥିବା ବେଳେ ଖେଳକୁ ଜ୍ୟୋତି, ପୁରୁଷୋତ୍ତମ ବୁଡେକ, ସୁରେଶ ନାଏକ, ରାହାସ ବିହାରି ମାଝି ରେଫରି ଦାୟିତ୍ୱ ତୁଳାଇଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଚଳଚ୍ଚିତ୍ର କର୍ମଶାଳା ଉଦ୍‌ଘାଟିତ

ଜୟପୁର, ୦୯/୨ (ନି,ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ଚଳଚ୍ଚିତ୍ର ଓ ଦୂରଦର୍ଶନ ପ୍ରତିଷ୍ଠାନ (ଏଫଟିଆଇଆଇ), ପୁଣେ (ବିଶ୍ୱର ଶ୍ରେଷ୍ଠ ୧୦ଟି ଚଳଚ୍ଚିତ୍ର ଶିକ୍ଷା ଅନୁଷ୍ଠାନ ମଧ୍ୟରୁ ଅନ୍ୟତମ)ର ମିଳିତ ଆନୁକୂଲ୍ୟରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଚଳଚ୍ଚିତ୍ର ଭିତିକ ଦକ୍ଷତା ପାଠ୍ୟକ୍ରମ ଉପରେ ଏକ କର୍ମଶାଳା ୦୮ ଫେବ୍ରୁୟାରୀ ୨୦୨୪ ରେ ବିଶ୍ୱବିଦ୍ୟାଳୟରେ ଉଦ୍ ଘାଟିତ ହୋଇଯାଇଛି। ଆଜାଦି କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅଧୀନରେ ଶିକ୍ଷା ମନ୍ତ୍ରଣାଳୟର ନିର୍ଦ୍ଦେଶଅନୁଯାୟୀ ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ର ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଫେବ୍ରୁଆରି ୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଛନ୍ତି । ଏହି ଉଦ୍ଘାଟନୀ କାର ?ୟକ୍ରମରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ରେଜିଷ୍ଟ୍ରାର ତଥା ବିତ ଅଧିକାରୀ ପ୍ରଫେସର ନରସିଂହ ଚରଣ ପଣ୍ଡା, ସିୟୁଓର ପରାମର୍ଶଦାତା ପ୍ରଫେସର ବିଭାଷ ଚନ୍ଦ୍ର ଝା, ଜାତୀୟ ଖ୍ୟାତିସମ୍ପନ୍ନ ଅଭିନେତା ତଥା ପୁଣେସ୍ଥିତ ଏଫଟିଆଇଆଇର ପ୍ରଫେସର ସଞ୍ଜୟ ମୋରେ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଭାରପ୍ରାପ୍ତ ମୁଖ୍ୟ ଡ. ସୌରଭ ଗୁପ୍ତା ଓ ଆସୋସିଏଟ ପ୍ରଫେସର ଡ. ନିଖିଳ କୁମାର ଗୌଡ଼ ପ୍ରମୁଖ ମଂଚାସୀନ ଥିଲେ। ୧୫ ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାକୁ ଉଦ୍ ଘାଟନ କରି କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହାକୁ ବିଶ୍ୱବିଦ୍ୟାଳୟର ଐତିହାସିକ ଘଟଣା ବୋଲି ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟର ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଚଳଚ୍ଚିତ୍ର ଭିତିକ ଦକ୍ଷତା ଉପରେ ପ୍ରଶିକ୍ଷଣ ଦେବା ପାଇଁ ମନ୍ତ୍ରଣାଳୟ ଓଡ଼ିଶାର ଏକମାତ୍ର ଅନୁଷ୍ଠାନକୁ ଚୟନ କରିଥିବାରୁ ସେ ଖୁସି ଅନୁଭବ କରିଥିଲେ। ଏହି ପାଠ୍ୟକ୍ରମରୁ ଛାତ୍ରଛାତ୍ରୀ କେବଳ ଏଥିରୁ ଶିଖିବେ ନାହିଁ ବରଂ ଅନ୍ୟମାନଙ୍କୁ ମଧ ସଶକ୍ତୀକରଣ ପାଇଁ ପ୍ରଶିକ୍ଷଣ ଦେବେ। ଏହାଦ୍ୱାରା ଏହି ଅଂଚଳର ସାମଗ୍ରିକ ଜନଜାତି ବିକାଶ ହୋଇପାରିବ। ସ୍ଥାନୀୟ ଜନଜାତିଙ୍କ ବିକାଶ ପାଇଁ ଥିବା ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଏହି କର୍ମଶାଳା ମାଧ୍ୟମରେ ପୂରଣ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଚଳଚ୍ଚିତ୍ର ନିର୍ମାଣ ମାଧ୍ୟମରେ ଜନଜାତିମାନେ ସେମାନଙ୍କ ସମସ୍ୟା ବିଷୟରେ କହିପାରିବେ ଯାହା ସେମାନଙ୍କ ସଶକ୍ତୀକରଣ ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି।

# ବିଦ୍ୟାଳୟରେ କ୍ରୀଡ଼ା ସମୟରେ ତଳେ ପଡି ୯ରୁ ଉର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ

ଖୋର୍ଦ୍ଧା, ୦୯/୨ (ନି,ପ୍ର): ଖୋର୍ଦ୍ଧା ବ୍ଲକ୍ ଗୋଳବାଇ ଭଗବତୀ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଚାଲିଥିବା ବେଳେ ଆଜି ୧୧ଜଣ ଛାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଛନ୍ତି। ତେବେ ଅସୁସ୍ଥଙ୍କ ମଧ୍ୟରୁ ୯ଜଣଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅସୁସ୍ଥତାର କାରଣ ଶାରୀରିକ ଦୁର୍ବଳତା ବୋଲି ସ୍କୁଲ୍ କର୍ତ୍ତୃପକ୍ଷ କହୁଥିବା ବେଳେ ଖେଳ ସମୟରେ ପିଲାଙ୍କୁ ଗ୍ଲୁକୋଜ୍, ପାଣି ଦିଆନଯିବାରୁ ହଠାତ୍ ଏଭଳି ଅସୁସ୍ଥ ହୋଇପଡ଼ିଥିଲେ ବୋଲି ଛାତ୍ରୀମାନେ ସୂଚନା ଦେଇଛନ୍ତି।ତେବେ ଗତକାଲିଠାରୁ ବିଦ୍ୟାଳୟରେ ତିନି ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଥିଲା। ଆଜି ପିଲାଙ୍କ ମଧରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଚାଲିଥିଲା। କିଛି ବିଦ୍ୟାର୍ଥୀ ଖେଳରେ ଅଂଶଗ୍ରହଣ କରିଥିଲେ। ଏପରିକି ଅନ୍ୟ କିଛି ଛାତ୍ରୀ ଅଂଶଗ୍ରହଣ କରିବା ପାଇଁ ଅଭ୍ୟାସ କରୁଥିଲେ। ଏହି ସମୟରେ ହଠାତ୍ ଜଣେ ଛାତ୍ରୀ ଅଚେତ ହୋଇ ତଳେ ଖସି ପଡ଼ିଥିଲା।ପରେ ଅନ୍ୟ ୧୦ଜଣ ଛାତ୍ରୀ ବି ତଳେ ପଡ଼ିଯାଇଥିଲେ। ଏମାନଙ୍କ ମଧ୍ୟରୁ କିଛି ବିଦ୍ୟାର୍ଥୀ ମଧାହ୍ନ ଭୋଜନ କରିଥିବା ବେଳେ ଆଉ କିଛି ଭୋଜନ କରି ନ ଥିଲା। ଘଟଣା ଜଣାପଡ଼ିବା ପରେ ସ୍କୁଲ୍ କର୍ତ୍ତୃପକ୍ଷ ତୁରନ୍ତ ଆମ୍ବୁଲାନ୍ସ ଡକାଇ ୯ଜଣ ଅସୁସ୍ଥ ଛାତ୍ରୀଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ଅନ୍ୟମାନଙ୍କୁ ଘରକୁ ପଠାଇ ଦିଆଯାଇଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସ୍ୱସ୍ତିକା ପାଳ ସୂଚନା ଦେଇଛନ୍ତି।

# ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜନଜାତି ମାନଙ୍କ ପୋଷାକ ଓ ବାଦ୍ୟଯନ୍ତ୍ର ଯୋଗାଣ ଟେଣ୍ଡର ଉନ୍ମୋଚନ



ନୀଳଗିରି, ୯/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ନୀଳଗିରି ଆଇଟିଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ୧୧ସମୟରେ ଆଦିବାସୀ ଜନଜାତି ମାନଙ୍କର ପୋଷାକ ପରିଚ୍ଛେଦ, ବାଦ୍ୟଯନ୍ତ୍ର ଆଦି ସାମଗ୍ରୀ ଯୋଗାଇଦେବା ନିମନ୍ତେ ଆହୂତ ଟେଣ୍ଡରକୁ ଉନ୍ମୋଚନ କରାଯାଇଛି। ଏହି ଟେଣ୍ଡରକୁ ନେବା ପାଇଁ ବାଲେଶ୍ୱରର ତିନୋଟି ସଂସ୍ଥା ଆବେଦନ କରିଥିବା ବେଳେ ଏହାକୁ ପଣ୍ଡା ଏସୋସିଏଟ ଟେଣ୍ଡର ହାତେଇ ସର୍ବନିମ୍ନ ମୂଲ୍ୟରେ ଯୋଗାଇ ଦେବା ପାଇଁ ସ୍ୱୀକୃତି ପାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଜନଜାତି ସଂପ୍ରଦାୟର କଳା, ସଂସ୍କୃତି ଏବଂ ଐତିହ୍ୟକୁ ବଞ୍ଚାଇ ରଖିବାକୁ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଏହି ଟେଣ୍ଡର ଉନ୍ମୋଚନ କରାଯାଇଥିଲା। ନୀଳଗିରି ବ୍ଲକ ଅନ୍ତର୍ଗତ ବିଭିନ୍ନ ଜନଜାତି ଯଥା -ଭୂମିଜ, କୋଲ୍‌ହ, ସନ୍ତାଳ, ବାଥୁଡ଼ି, କୋଡ଼ା, ମୁଣ୍ଡା ଜାତିର ପୁରୁଷ ପାଇଁ ସ୍ୱଜାତୀୟ ଧୋତି, ଗାମୁଛା, କୁର୍ତ୍ତା ଏବଂ ସ୍ତ୍ରୀଲୋକ ମାନଙ୍କ ପାଇଁ ଶାଢ଼ୀ ସହିତ ବିଭିନ୍ନ ବାଦ୍ୟଯନ୍ତ୍ର ଯଥା -ମାଦଳ, ଧୂମୁସା, ହରମୋନୀୟମ ଚଡଚଡ଼ି, ଝୁମୁକା, କେନ୍ଦରା, ବଂଶୀ, ଟାଙ୍ଗୁ, ଖୋଳ, କୁବୁକି ଆଦି ବାଦ୍ୟଯନ୍ତ୍ର ଯୋଗାଇଦେବାକୁ ଧାର୍ଯ୍ୟ ହୋଇଛି। ଏହି ପ୍ରକ୍ରିୟାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ମଦନ ମୋହନ ମାଝୀ, ଉପଜିଲ୍ଲାପାଳ ମନ୍ଦର ଧର ମହାଳିକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କାରୁ ସୋରେନ, ବିଡ଼ିଓ ରାହୁଲ ମଣ୍ଡଳ ଟ୍ୟାକ୍ସଟାଇଲ ସହକାରୀ ନିର୍ଦ୍ଦେଶକ ଦାମୋଦର ସାହୁ ସ୍ୱତନ୍ତ୍ର ଅଧିକାରୀ ସଲ୍ଲୁ କୁମାର ଟୁଡୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ସୂଚନା ଓ ଲୋକସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସମେତ ବହୁ ଲୋକ ଉପସ୍ଥିତ ଥିଲେ।

## ସୋନପୁର-ପୁରୀ ଏକ୍ସପ୍ରେସକୁ ସୋନପୁର ଷ୍ଟେସନଠାରେ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୯/୨ (ନି.ପ୍ର): ଶୁକ୍ରବାର ସୋନପୁର ରେଳ ଷ୍ଟେସନ ଠାରେ ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସର ପ୍ରାରମ୍ଭିକ ଚଳାଚଳ ଦିବସରେ ସୁବର୍ଣ୍ଣପୁର ଜିଲ୍ଲାର ଲୋକମାନେ ଉଭୟ ଟ୍ରେନ ଓ ଯାତ୍ରୀମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହି ଟ୍ରେନ୍ ଚାରିଟି ପଶ୍ଚିମ ଓଡିଶା ଜିଲ୍ଲା ଯଥା ସୋନପୁର, ବଲାଙ୍ଗୀର, ବରଗଡ ଏବଂ ସମ୍ବଲପୁର ସହିତ ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାକୁ ସଂଯୋଗ କରୁଛି। ଏହି ଟ୍ରେନ୍ ଏହି ଅଂଚଳର ଛାତ୍ର, କୃଷକ, ତୀର୍ଥଯାତ୍ରୀ ଏବଂ ବ୍ୟବସାୟୀ ମାନଙ୍କୁ ଲାଭ ପ୍ରଦାନ କରିବ।

ପୁରୀ-ସୋନପୁର ଏକ୍ସପ୍ରେସ ପୁରୀ ଷ୍ଟେସନ ଠାରୁ ପ୍ରତି ଗୁରୁବାର ଦିନ ଏବଂ ସୋନପୁର ଠାରୁ ପ୍ରତି ଶୁକ୍ରବାର ଦିନ ଯାତ୍ରା କରିବ। ଏହି ଟ୍ରେନ୍ ଗୁରୁବାର ଦିନ ସନ୍ଧ୍ୟା ୭.୩୫ ରେ ପୁରୀ ଛାଡି ସୋନପୁରରେ ଶୁକ୍ରବାର ଦିନ ସକାଳ ୫.୩୦ ରେ ପହଂଚିବ। ଫେରିବା ମାର୍ଗରେ ଏହି ଟ୍ରେନ ସୋନପୁର ଠାରୁ ଶୁକ୍ରବାର ସନ୍ଧ୍ୟା ୭.୩୦ ରେ ଛାଡି ଶନିବାର ଦିନ ସକାଳ ୬.୫୫ ରେ ପୁରୀରେ ପହଂଚିବ । ଏହି ଟ୍ରେନ ପୁରୀ ଓ ସୋନପୁର ମଧ୍ୟରେ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନାରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନୁଗୁଳ, ବୋଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ ରୋଡ, ବଲାଙ୍ଗୀର, ବିଛୁପାଲି, ଝାରତରଭା, ନରସିଂହଗଡ ଷ୍ଟେସନ ମାନଙ୍କରେ ରହଣି କରିବ । ୩ ଫେବୃଆରୀ ୨୦୨୪ ରେ ସମ୍ବଲପୁରରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନକୁ ଶୁଭାରମ୍ଭ କରିଥିଲେ ।

ସମ୍ବଲପୁରର ନାଗରିକ ସମାଜ ସମେତ ସାଧାରଣ ଲୋକମାନେ ସୋନପୁର ରେଳ ଷ୍ଟେସନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଆୟୋଜନ କରି ଉଭୟ ଟ୍ରେନ ଓ ଯାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଧନା କରିଥିଲେ ।

## ହାତିଆଡିହା ଶିବମୁନି ଯୋଗାଶ୍ରମରେ ୨୭ ତମ ବାର୍ଷିକ ଅଧିବେସନ ପାଳନ



ରୂପସା , ୯/୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର ୨୭ ତମ ବାର୍ଷିକ ଅଧିବେସନ,ମୁନି ସମାଜର ପ୍ରାନ୍ତୀୟ ଅଧକ୍ଷ ଲେଖକ ଶ୍ରୀ ଯୋଗାଚାର୍ଯ୍ୟ ଶଶଧର ମୁନିଜୀଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ଯୋଗାଚାର୍ଯ୍ୟ ଅନନ୍ତ ପଣ୍ଡା ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ଦଶରଥ ପଣ୍ଡା ମହୋଦୟ। ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ମୁନି ସମାଜର ଜ୍ୟୋତି, ଆତ୍ମଜ୍ଞାନୀ, ଜିଲ୍ଲା ସମ୍ପାଦକ ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ। ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ, ପ୍ରାନ୍ତୀୟ ସହ ସମ୍ପାଦକ, ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ।ପ୍ରଥମେ ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ଶଶଧର ମୁନିଜୀଙ୍କ କରକମଳରେ ସତ୍ୟ ପତାକା ଉତ୍ତୋଳନ କରାଯାଇଥିଲା। ତାପରେ ସମୂହ ପ୍ରଣବ କରାଯାଇ,ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ରାମଚନ୍ଦ୍ର ବେହେରା -ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ଙ୍କ ଜେଷ୍ଠ ସୁପୁତ୍ର ମୁନି ଅଶୋକ କୁମାର ବେହେରାଙ୍କର ୪୧ ତମ ଶୁଭ ଜନ୍ମଦିନ ଉପଲକ୍ଷେ , ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ଯାପନ ସହିତ ଉଜ୍ଜ୍ୱଳ ଭବିଷ୍ୟତର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଯୋଗାଚାର୍ଯ୍ୟ ଅନନ୍ତ ମୁନିଜୀ ମହୋଦୟ , ଯୋଗାଚାର୍ଯ୍ୟ ଅନନ୍ତ ପଣ୍ଡା ମହୋଦୟ ,ବେଦ ପାଠ, ଶାନ୍ତି ପାଠ କରିଥିଲେ ।ମୁନି ସମାଜର ସତ୍ୟ ସିଦ୍ଧାନ୍ତ,ମୁନି ସମାଜର ଦର୍ଶନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ ।ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନ କରି କରି ଚାଲିଲେ,ଦିନେ ନିଶ୍ଚୟ ଆତ୍ମ ଦର୍ଶନ ମିଳିବ ଏହା ବକ୍ତାମାନେ ପ୍ରକାଶ କରିଥିଲେ। ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି,ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ । ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।ସମସ୍ତ ଆଶ୍ରମ ବାସୀଙ୍କ ସହିତ ଆଖ ପାଖ ଆଶ୍ରମରୁ ବହୁ ଯୋଗୀ,ମୁନି ମୁନିମତୀ ମାନେ ଯୋଗଦାନ କରିଥିଲେ ।ସାହି ପଡିଶା ଜିଜ୍ଞାସୁ ଶ୍ରୋତା ବନ୍ଧୁମାନେ ମଧ ସହଯୋଗ କରିଥିଲେ । ସତ୍ୟନିଷ୍ଠ ସାଧକ,ପରିଶ୍ରମୀ,ଆଶ୍ରମ ପ୍ରତି ପ୍ରଗାଢ ଶ୍ରଦ୍ଧା ଥିବା ମୁନି ଯୋଗେନ୍ଦ୍ର ବେହେରାଙ୍କୁ ଉପଢ଼ୌକନ ସହିତ ମଞ୍ଚରେ ସମ୍ବର୍ଦ୍ଧିତ କରା ଯାଇଥିଲା ।ଶେଷରେ ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃ
ରେଜିଷ୍ଟ୍ରେସନ ନଂ ୧୫୭ବି, ଏଲ ତା ୨୩.୦୫.୧୯୫୫ରିଖ
ମିର୍ଜାପୋଖରୀ ଲେନ, ମୋତିଗଞ୍ଜ, ବାଲେଶ୍ୱର- ୭୫୬୦୦୩
ଫୋନ(୦୬୭୮୨) ୨୪୦୯୮୪, ମୋବାଇଲ ନମ୍ବର- ୯୩୩୭୨୨୬୭୨୮

୨୦୨୩-୨୪ ବର୍ଷର ବାର୍ଷିକ ସାଧାରଣ ସଭା ନୋଟିସ

ନୋଟିସ ନଂ- ୧୭୦ ତା- ୦୯/୦୨/୨୦୨୪ରିଖ

ଏତଦ୍ୱାରା ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ ଏଣ୍ଡ ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃର ସମସ୍ତ ସଭ୍ୟ/ସଭ୍ୟାମାନଙ୍କୁ (ନାମମାତ୍ର ସଭ୍ୟ/ ସଭ୍ୟାମାନଙ୍କ ବ୍ୟତୀତ) ଅବଗତ କରାଯାଉଛି କି ସମିତିର ସ୍ମ ୨୦୨୩-୨୪ ବର୍ଷର ବାର୍ଷିକ ସାଧାରଣ ସଭା ଆସନ୍ତା ତା-୨୪/୦୨/୨୦୨୪ରିଖ ଶନିବାର ଦିବା ୧୦ ଘଟିକା ସମୟରେ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ।

ଏଣୁ ଅନୁରୋଧ, ଆପଣ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ହୋଇ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ହେବେ।

କାର୍ଯ୍ୟସୂଚୀ

୧. ପୂର୍ବ ସାଧାରଣ ସଭା ତା-୨୫/୦୩/୨୦୨୩ ରିଖ ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ସଭାପତିଙ୍କ ଅଭିଭାଷଣ।
୩. ସମିତିର ସ୍ମ ୨୦୨୨-୨୩ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୪. ସମିତିର ସ୍ମ ୨୦୨୪-୨୫ ବର୍ଷର ପରିଚାଳନା ପରିଷଦଙ୍କ ଦ୍ୱାରା ଗୃହୀତ ସମିତିର ବ୍ୟବସାୟିକ ଯୋଜନା ଓ ବଜେଟ ଅଟକଳ ପଠନ ଓ ଅନୁମୋଦନ।
୫. ସମିତିର ୨୦୧୭-୧୮ ବର୍ଷରୁ ୨୦୨୧-୨୨ ବର୍ଷ (୫ବର୍ଷର) ସମୀକ୍ଷା ବିବରଣୀ ପଠନ ଓ ଅଧିଗ୍ରହଣ।
୬. ଲାଭାଂଶ ବଣ୍ଟନ ସମ୍ପର୍କରେ ଆଲୋଚନା ଓ ସିଦ୍ଧାନ୍ତ ଗ୍ରହଣ।
୭. ସ୍ମ ୨୦୨୩-୨୪ ବର୍ଷର (ତା-୦୧/୦୪/୨୦୨୩ ରିଖରୁ ତା-୩୧/୦୧/୨୦୨୪) ରିଖ ପର୍ଯ୍ୟନ୍ତ ଜମା ଖର୍ଚ୍ଚ ଉପରେ ଆଲୋଚନା ଓ ଅନୁମୋଦନ।
୮. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତିକ୍ରମେ)

ପରିଚାଳନା ପରିଷଦଙ୍କ ଅନୁମତିକ୍ରମେ
ସ୍ୱା-ଶ୍ରୀ ଗୌରହରି ମିଶ୍ର
ସମ୍ପାଦକ
ତା ୦୯-୦୨-୨୦୨୪ରିଖ
ବାଲେଶ୍ୱର ଟାଉନ ହାଉସିଂ କ୍ରେଡିଟ ଏଣ୍ଡ
ଥ୍ରୀଫ୍ଟ କୋ ଅପରେଟିଭ ସୋସାଇଟି ଲିଃ

## ୨୦ତମ ଧଉଳୀ କଳିଙ୍ଗ ମହୋତ୍ସବ ୨୦୨୪ ଉଦ୍‌ଘାଟିତ

ଭୁବନେଶ୍ୱର, ୯/୨ (ନି.ପ୍ର): ଐତିହାସିକ ଧଉଳୀର ପାଦଦେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଆର୍ଟ ଭିଜନ୍ ଦ୍ୱାରା ଆୟୋଜିତ ୨୦ତମ ଧଉଳୀ କଳିଙ୍ଗ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ଧଉଳି ଶାନ୍ତିସ୍ତୁପର ପାଦଦେଶରେ ଉଦ୍‌ଘାଟିତ ହୋଇଯାଇଛି । ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଯେଉଁ ସ୍ଥାନରୁ ସମ୍ରାଟ ଅଶୋକ ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ ସେହି ସ୍ଥାନରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଝଙ୍କୃତ ହେବ ନୃତ୍ୟ ଓ ସଙ୍ଗୀତର ଅପୂର୍ବ ଛନ୍ଦ ଓ ମୁର୍ଚ୍ଛନା । ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, କଳା, ସଂସ୍କୃତି, ଐତିହ୍ୟକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ଓ ପ୍ରସାର କରିବା ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭାରତ ରତ୍ନ ପାଇବେ ଚୌଧୁରୀ...

ଚୌଧୁରୀ ଚରଣ ସିଂହ କୃଷି ଏବଂ କୃଷକଙ୍କ ଅଧିକାର ତଥା କଲ୍ୟାଣ ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଛନ୍ତି। ସେହିପରି ଅନ୍ୟ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି ନରସିଂହା ରାଓଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯିବ। ଭାରତକୁ ଆର୍ଥିକ ଦୃଷ୍ଟିରୁ ଉନ୍ନତ କରିବା ତଥା ଦେଶର ସମୃଦ୍ଧତା ଓ ବିକାଶ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏମଏସ ସ୍ୱାମୀନାଥନଙ୍କ ନାମକୁ ଭାରତ ରତ୍ନ ପାଇଁ ଘୋଷଣା କରି କହିଛନ୍ତି, ଖୁବ୍ ଖୁସିର ବିଷୟ କି ଦେଶର କୃଷି ଓ କୃଷକଙ୍କ କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ସରକାର ଡ. ଏମଏସ ସ୍ୱାମୀନାଥନଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ଯାଉଛନ୍ତି। ସେ ଦେଶର ଆହ୍ୱାନପୂର୍ଣ୍ଣ ସମୟରେ କୃଷି କ୍ଷେତ୍ରକୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଭାରତୀୟ କୃଷିକୁ ଆଧୁନିକୀକରଣ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଉଦ୍ୟମ କରିଥିଲେ। ଡକ୍ଟର ସ୍ୱାମୀନାଥନଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ କେବଳ ଭାରତୀୟ କୃଷିକୁ ପରିବର୍ତ୍ତନ କରିନାହିଁ, ବରଂ ଦେଶର ଖାଦ୍ୟ ନିରାପତ୍ତା ତଥା ସମୃଦ୍ଧତାକୁ ମଧ ଦୃଢ କରିଛି। ସେ ଜଣେ ବ୍ୟକ୍ତି, ଯାହାଙ୍କୁ ମୁଁ ଅତି ନିକଟରୁ ଜାଣିଥିଲି ଏବଂ ସର୍ବଦା ତାଙ୍କ ଦୃଷ୍ଟିକୋଣକୁ ସମ୍ମାନ ଜଣାଉଥିଲି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଅଚାନକ ଚେନ୍ନାଇ ...

ଆରୁଖ ଓ ଉଷା ଦେବୀଙ୍କ ସମେତ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ, ଫାଇଭଟି ଅଧକ୍ଷ ଭିକେ ପାଣ୍ଡିଆନ ମଧ ଚେନ୍ନାଇ ଯାଇଥିବା ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରୁ ସିଧାସଳଖ ଭୁବନେଶ୍ୱର ବିମାନ ବନ୍ଦର ଅଭିମୁଖେ ଗସ୍ତ କରିଛନ୍ତି । ସନ୍ଧ୍ୟା ୭ଟାରେ ଏକ ସ୍ୱତନ୍ତ୍ର ଏୟାରକ୍ରାଫ୍ଟରେ ସେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଚେନ୍ନାଇସ୍ଥିତ ଆନ୍ତର୍ଜାତିକ ବିମାନ ବନ୍ଦରକୁ ଯାତ୍ରା କରିଛନ୍ତି । ଚେନ୍ନାଇ ବିମାନ ବନ୍ଦରରୁ କାର ଯୋଗେ ସଡ଼କ ମାର୍ଗରେ ଆପୋଲୋ ହସ୍ପିଟାଲକୁ ଯିବେ । ସେଠାରେ ଭି.ସୁଜ୍ଞାନ କୁମାର ଦେଓଙ୍କ ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିବେ । ହସ୍ପିଟାଲ ପରିସରରେ ପ୍ରାୟ ଅଧଘଣ୍ଟା ରହି ନବୀନ ରାତି ପ୍ରାୟ ୧୦ଟା ୨୦ମିନିଟରେ ଯାଇଥିବା ଏୟାରକ୍ରାଫ୍ଟ ମାଧ୍ୟମରେ ଚେନ୍ନାଇ ବିମାନ ବନ୍ଦର ଛାଡ଼ିବେ । ରାତି ପ୍ରାୟ ୧୧ଟା ୫୦ମିନିଟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଜି ଅପରାହ୍ନ ୪ଟାରେ ବିଧାନସଭା ପରିସରରେ ଷୋଡ଼ଶ ବିଧାନସଭାର ସମସ୍ତ ବିଧାୟକଙ୍କ ସହ ଏକ ଗ୍ରୁପ୍ ଫଟୋ ଉଠାଇବା ପରେ ସନ୍ଧ୍ୟା ପ୍ରାୟ ୬ଟା ୩୦ମିନିଟରେ ପୁଣିଥରେ ବିଧାନସଭା ଆସିଥିଲେ । ଶାସକ ଦଳ ପକ୍ଷରୁ ଆଗତ ଗୃହକୁ ମୁଲତବୀ ରଖିବା ପାଇଁ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବିଧାନସଭାରୁ ସିଧା ବିଜୁ ପଟ୍ଟନାୟକ ବିମାନ ବନ୍ଦରକୁ ଯାଇଥିଲେ।

### ସରିଲା ଷୋଡ଼ଶ...

ଭାଗ ନେଇ କହିଥିଲେ ଯେ, ଏହି ଅଧିବେଶନର ପାଂଚଟି କାର୍ଯ୍ୟଦିବସ ଥିଲା । ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଥିଲା । ବଜେଟ୍ ବି ପାରିତ ହୋଇଛି । ଆମ ରାଜ୍ୟର ବିକାଶରେ୧୬ତମ ବିଧାନସଭା ଘଟଣାବହୁଳ ଓ ସ୍ମରଣୀୟ ଥିଲା । ବିଗତ ୫ବର୍ଷ ମଧ୍ୟରେ ବାଚସ୍ପତି, ଉପବାଚସ୍ପତି ଓ ଅଧିଷ୍ଠାତା ପ୍ୟାନେଲଙ୍କୁ ଗୃହ ସୁପରିଚାଳନା ନିମନ୍ତେ ଧନ୍ୟବାଦ ଜଣାଇଥିଲେ । ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ପୂର୍ବରୁ ବିଧାନସଭାର ଏହି ଅଧିବେଶନ ୫ରୁ ୧୩ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ଥିଲା । ମାତ୍ର ଆଜି ଶାସକ ଦଳର ପ୍ରସ୍ତାବ ଉପରେ ଗୃହକୁ ବାଚସ୍ପତି ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ ।

### ପୁଣି ଧରାପଡ଼ିଲେ ଡାକ୍ତର...

ସେ ଅନ୍ୟତ୍ର ମଧ ନେଇ ଯାଉଥିଲେ। ସୁଟକେସ୍ ଭଳି ଦେଖାଯାଉଥିବା ଏକ ବ୍ୟାଗରେ ସେ ଏହି ମେସିନ ନେଇ ଅନ୍ୟତ୍ର ଲିଙ୍ଗ ନିରୂପଣ କରୁଥିଲେ। ଫଳରେ କେହି ସନ୍ଦେହ ମଧ କରୁ ନଥିଲେ। ପୂର୍ବରୁ ଦୁଇ ଥର ଧରାପଡ଼ି ସେ ମୁକିଳି ଯାଇଥିବା ବେଳେ ଏଥର ସ୍ୱାସ୍ଥ୍ୟ ବିଭାଗ ତାଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ତାଙ୍କ ନାଁରେ ମଙ୍ଗଳାବାଗ ଥାନାରେ ଏତଲା ଦିଆଯିବା ପରେ ପୁଲିସ ତାଙ୍କୁ ଗିରଫ କରିଛି। ତାଙ୍କ ଡାକ୍ତରୀ ଲାଇସେନ୍ସ ରଦ୍ଦ ପାଇଁ ମଧ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଡାକ୍ତର ପୁଣ୍ୟଶ୍ଳୋକ ଦାସ ତାଙ୍କ ବିରୋଧରେ ଆସିଥିବା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅଲଟ୍ରାସାଉଣ୍ଡ ମେସିନ୍ ?ଟି ବହୁ ପୁରୁଣା। ତାହା ତାଙ୍କ ଘରେ ରହିଯାଇଥିବା ସେ କହିଛନ୍ତି। ସେହିପରି ତାଙ୍କ ଘରକୁ କେହି ଲିଙ୍ଗ ନିରୂପଣ କରିବା ପାଇଁ ଆସି ନଥିଲେ ବୋଲି ସେ ଗଣମାଧ୍ୟମ ଆଗରେ କହିଥିଲେ। କେବଳ ଡାକ୍ତର ପୁନ୍ୟଶ୍ଳୋକ ଦାସ ନୁହନ୍ତି, ଆଉ କିଛି ଡାକ୍ତରଙ୍କ ବିରୋଧରେ ଏଭଳି ଅଭିଯୋଗ ରହିଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ବୋଲି ସାଧାରଣରେ ଆଲୋଚନା ହେଉଛି।

### ଜଷ୍ଟିସ୍ ଏଏମ...

ରଞ୍ଜନ ଚୌଧୁରୀ ମୋହର ମାରି ସାରିଛନ୍ତି। ଗତକାଲି ଅନୁଷ୍ଠିତ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ନୂତନ ଲୋକପାଳଙ୍କୁ ନିଯୁକ୍ତି ମିଳିଛି। ଗତ ବର୍ଷ ମେ'ରୁ ଏହି ପଦ ଖାଲି ପଡ଼ିଥିବା ବେଳେ ଏବେ ଏଏମ ଖାନୱିଲକର ଏବେଠୁ ଉକ୍ତ ପଦ ସମ୍ଭାଳିବେ। ଏହା ପୂର୍ବରୁ ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତି ପ୍ରଦୀପ କୁମାର ମହାନ୍ତି ଏହି ପଦରେ ନିଯୁକ୍ତ ହୋଇଥିଲେ। ସେ ୨୦୧୯ ମସିହାରୁ ୨୦୨୨ ମସିହା ପର୍ଯ୍ୟନ୍ତ ଲୋକପାଳ ପଦ ସମ୍ଭାଳିଥିଲେ। ଜଷ୍ଟିସ ଖାନୱିଲକର ୨୦୨୨ ମସିହା ଜୁଲାଇ ୨୯ ତାରିଖରେ ନିଜ ପଦରୁ ଅବସର ନେଇଥିଲେ। ତାଙ୍କ ଦ୍ୱାରା ଗଠିତ ପୀଠ ଅଧିନିୟମରେ ସଂଶୋଧନ କରିଥିଲେ। ଇଡି ପକ୍ଷରୁ ଜାରି ହେଉଥିବା ସମନ, ତଲାସୀ, ସିଜ୍, ରେଡ୍‌କୁ ଏହି ପୀଠ ଠିକ୍ ବୋଲି ଦର୍ଶାଇଥିଲେ। ଜଷ୍ଟିସ ଖାନୱିଲକରଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ୨୦୦୨ ମସିହାରେ ଗୁଜରାଟ ଦଙ୍ଗାରେ ପିଏମ୍ ମୋଦିଙ୍କୁ କ୍ଲିନ୍ ଚିଟ୍ ଦେଇଥିଲେ। ଏହି ମାମଲାରେ ପ୍ରଧାନମନ୍ତ୍ରୀଙ୍କୁ ଫସାଇବାକୁ ମନଗଢ଼ା ପ୍ରମାଣ କୋର୍ଟରେ ଦାଖଲ କରାଯାଇଥିବା ଅଭିଯୋଗ ଉଠିଥିଲା। ଆବେଦନକାରୀ ତିସ୍ତା ସୀତଲୱାଡ ଏପରି କାଣ୍ଡ ଘଟାଇଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ନୂଆ ସଂସଦ ଭବନ ନିର୍ମାଣକୁ ବିରୋଧ କରି କିଛି ସାମାଜିକ କର୍ମୀ ଓ ପରିବେଶବିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଜଷ୍ଟିସ ଖାନୱିଲକରଙ୍କ ଦ୍ୱାରା ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଫଳରେ ଜଷ୍ଟିସ ଖାନୱିଲକରଙ୍କ ରାୟ ପରେ ନୂଆ ସଂସଦ ଭବନ ନିର୍ମାଣ ପାଇଁ ରାସ୍ତା ପରିଷ୍କାର ହୋଇଥିଲା।

### ଇଣ୍ଡିଆ ମେଣ୍ଟକୁ ଝଟକା ....

ଚରଣ ସିଂହଙ୍କୁ ଭାରତ ରତ୍ନ ମିଳିବ ବୋଲି କହିଥିଲେ ସେତେବେଳେ ଜୟନ୍ତ ଚୌଧୁରୀ ହୃଦୟ ଜିତି ନେଲ ବୋଲି ମଧ କହିଥିଲେ। ଆରଏଲଡେ ଓ ବିଜେପି ମଧ୍ୟରେ ସିଟ ଶେୟାରିଂ ସମ୍ପର୍କରେ ମଧ କଥାବାର୍ତ୍ତା ଶେଷ ହୋଇଛି। ଲୋକସଭା ନିର୍ବାଚନରେ ଆରଏଲଡିକୁ ଉତ୍ତର ପ୍ରଦେଶର ବାଘପଟ ଓ ବିଜନୋର ଆସନରେ ଲଢ଼ିବାକୁ ବିଜେପି ସୁଯୋଗ ଦେବ। ସେହିପରି ଆରଏଲଡିର ଜଣେ ନେତାଙ୍କୁ ବିଜେପି ରାଜ୍ୟସଭା ପଠାଇବ ବୋଲି ଡିଲ ହୋଇଛି। ପଶ୍ଚିମ ଉତ୍ତର ପ୍ରଦେଶରେ ଜୟନ୍ତ ଚୌଧୁରୀଙ୍କ ଆରଏଲଡିର ବେଶ ଦବଦବା ରହିଛି। ତେଣୁ ବିଜେପି ଏହାର ଫାଇଦା ଉଠାଇବା ଲକ୍ଷ୍ୟରେ ରହିଛି। ଏଠାରେ ଜାଠ ସଂପ୍ରଦାୟର ଲୋକଙ୍କ ସଂଖ୍ୟା ଅଧିକ। ୨୦୧୯ରେ ବିଜେପି ଉତ୍ତର ପ୍ରଦେଶର ୧୬ଟି ଆସନରେ ହାରିଥିଲା। ଏହା ମଧ୍ୟରୁ ୭ଟି ଆସନ ପଶ୍ଚିମ ଉତ୍ତର ପ୍ରଦେଶରେ ରହିଥିଲା। ମୋରଦାବାଦ ଡିଭିଜନର ସମସ୍ତ ୬ ଆସନରେ ଦଳକୁ ହାରିବାକୁ ପଡ଼ିଥିଲା। ୨୦୧୯ ଲୋକସଭାରେ ସମାଜବାଦୀ ପାର୍ଟି ଓ ଆରଏଲଡି ଏକାଠି ନିର୍ବାଚନ ଲଢ଼ିଥିଲେ। ଆରଏଲଡି ସମସ୍ତ ୩ ଆସନରେ ହାରିଥିବା ବେଳେ ସପା ୫ଟି ଆସନ ଜିତିଥିଲା। ସେହିପରି ୨୦୨୨ରେ ସପା ୧୧୧ ଆସନ ଓ ଆରଏଲଡି ୩୩ଟି ଆସନରେ ଲଢ଼ି ୯ଟିରେ ବାଜିମାତ କରିଥିଲା।

## ବିନା ଅସ୍ତ୍ରୋପଚାରରେ ୯ ବର୍ଷ ବାଳକର ଫୁସଫୁସରୁ ବାହାରିଲା ଛୁଂଚି

ଭୁବନେଶ୍ୱର, ୯/୨ (ନି.ପ୍ର): ଏକ ଉଲ୍ଲେଖନୀୟ ତଥା ଅଭିନବ ପ୍ରୟାସ ସ୍ୱରୂପ ଏମ୍ସ ଭୁବନେଶ୍ୱରର ଶିଶୁ ବିଭାଗ ସଫଳତାର ସହିତ ୯ ବର୍ଷୀୟ ବାଳକର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି। ଅସାବଧାନତାବଶତଃ ଗିଳିଦେଇଥିବା ଏକ ସିଲେଇ ଛୁଂଚିଟି ନାବାଳକଙ୍କର ବାମପାର୍ଶ୍ୱ ଫୁସ୍‌ଫୁସ୍ ର ନିମ୍ନଭାଗରେ ଲାଗିଯାଇଥିଲା। ଏପରି ପରିସ୍ଥିତିରେ ଉକ୍ତ ତୀକ୍ଷ୍ଣ ସାମଗ୍ରୀକୁ ବାହାରି କରିବାକୁ ଜଟିଳ ଅସ୍ତ୍ରୋପଚାରର ଆବଶ୍ୟକତା ଜରୁରୀ ଥିଲା। ମାତ୍ର ଏମ୍ସ ଶିଶୁ ବିଭାଗର ଏକ ଚିକିତ୍ସକ ଦଳ ରାଜ୍ୟରେ ପ୍ରଥମ କରି ବିନା ଅସ୍ତ୍ରୋପଚାରରେ ବ୍ରୋଙ୍କୋସ୍କୋପିକ୍ ପଦ୍ଧତିରେ ଫୁସଫୁସରୁ ଉକ୍ତ ସିଲେଇ ଛୁଂଚି ବାହାରି କରି ରେକର୍ଡ କରିଛନ୍ତି। ପଶ୍ଚିମବଙ୍ଗରୁ ଆସିଥିବା ଏହି ନାବାଳକଜଣଙ୍କ ଅନ୍ୟମନସ୍କ ଭାବେ ପ୍ରାୟ ୪ସେମି ଲମ୍ବର ଉକ୍ତ ସିଲେଇ ଛୁଂଚିକୁ ଗିଳିଦେଇଥିଲେ। ଗିଳିବାର ଦୁଇ ଦିନ ପରେ ଉକ୍ତ ନାବାଳକଙ୍କୁ ଏମ୍ସ ଭୁବନେଶ୍ୱରକୁ ଅଣାଯାଇଥିଲା। ଶିଶୁ ବିଭାଗକୁ ଆସିବା ପରେ ନାବାଳକଙ୍କ ଏପରି ଗୁରୁତର ସ୍ଥିତି ଦେଖି ଏହାକୁ ବିନା ଅସ୍ତ୍ରୋପଚାରରେ ବାହାର କରିବାକୁ ଡାକ୍ତରୀ ଦଳ ନିଷ୍ପତି ନେଇଥିଲେ। କାରଣ ଫୁସ୍‌ଫୁସ୍‌ରେ ଛୁଂଚିର ଅବସ୍ଥିତି ଯେପରି ଥିଲା, ଏପରି ସ୍ଥଳେ ଜଟିଳ ଅସ୍ତ୍ରୋପଚାର ଜରୁରୀ ଥିଲା। ସ୍ଥଳବିଶେଷରେ ଫୁସଫୁସ୍ ର କିଛି ଅଂଶକୁ ମଧ କଢ଼ାଯିବା ଆବଶ୍ୟକ ପଡ଼ିବାର ଯଥେଷ୍ଟ ଆଶଙ୍କା ଥିଲା। ତେଣୁ ଶିଶୁ ବିଶେଷଜ୍ଞ ଡ. ରଶ୍ମି ରଂଜନ ଦାସ, ଡ. କ୍ରିଷ୍ଣ ଏମ୍ ଗୁଲ୍ଲା, ଡ. କେତନ ଏବଂ ଡ. ରାମକୃଷ୍ଣଙ୍କୁ ନେଇ ଗଠିତ ଏକ ବିଶେଷଜ୍ଞ ଦଳ ବିନା ନିରାପଦରେ ବ୍ରୋଙ୍କୋସ୍କୋପିକ୍ ପଦ୍ଧତିରେ ଛୁଂଚିକୁ ବାହାର କରିବାରେ ସଫଳତା ହାସଲ କରିଥିଲେ। ଏହି ପ୍ରକ୍ରିୟା ପ୍ରାୟ ଏକ ଘଂଟା ସମୟ ନେଇଥିଲା। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏମ୍ସର ଚିକିତ୍ସକଙ୍କ ଏପରି ଉତ୍ସର୍ଗୀକୃତ ମନୋଭାବକୁ ଅଭିନନ୍ଦନ ଜଣାଇବା ସହିତ ଏପରି ବିପଦପୂର୍ଣ୍ଣ କାମକୁ ସଫଳତାର ସହିତ ସମ୍ପନ୍ନ କରିଥିବା ଜୀବନ ରକ୍ଷା ପ୍ରକ୍ରିୟାକୁ ପ୍ରଶଂସା କରିଛନ୍ତି। ଏପରି ଜଟିଳ ସ୍ଥିତିରେ ଅସ୍ତ୍ରୋପଚାର ନାବାଳକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଆନ୍ତା। ମାତ୍ର ଏମ୍ସ ପକ୍ଷରୁ ଏପରି ଅଭିନବ ଉପାୟରେ କରାଯାଇଥିବା ପ୍ରକ୍ରିୟା ବେଶ୍ ଲାଭଦାୟୀ ହୋଇପାରିଥିବା ଡ. ରଶ୍ମୀ ରଂଜନ ଦାସ ପ୍ରକାଶ କରିଛନ୍ତି। ଚାରି ଦିନ ପରେ ଉକ୍ତ ନାବାଳକଙ୍କୁ ହସ୍ ?ପିଟାଲରୁ ଡିସ୍‌ଚାର୍ଯ କରାଯାଇଥିଲା। ବର୍ତମାନ ସେ ସୁସ୍ଥ ଥିବା ସହିତ ସାଧାରଣ ଜୀବନଯାପନ କରୁଥିବା ଡ. ଦାସ ସୂଚନା ଦେଇଛନ୍ତି। ଡ. କ୍ରିଷ୍ଣ ଏମ ଗୁଲା ସୂଚନା ଦେଇଛନ୍ତି ଯେ ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ପେଡିଆଟ୍ରିକ୍ ପୁଲମୋନୋଲୋଜି ଏବଂ ଆଇସିୟୁ ଦଳ କାର୍ଯ୍ୟ କରୁଛି। ଏକ ମାସର ନବଜାତକ ଶିଶୁଙ୍କଠାରୁ ୧୫ ବର୍ଷ ପର୍ଯ୍ୟନ୍ତ ବ୍ରୋଙ୍କୋସ୍କୋପିକ୍ ପଦ୍ଧତି ମାଧ୍ୟମରେ ଗୋଟିଏ ସ୍ଥାନରେ ସାମଗ୍ରୀକ ଶିଶୁ ଚିକିତ୍ସା ସୁବିଧା ରାଜ୍ୟରେ ଅନ୍ୟ କେଉଁଠି ଉପଲବ୍ଧ ନାହିଁ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଓଲଙ୍ଗ ପଞ୍ଚାୟତରେ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ



ଭଦ୍ରକ, ୯/୨ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶାର ୯୬ ଲକ୍ଷ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଙ୍କୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ ଗୋଟି ଲେଖାଏଁ ଝୋଟ ତିଆରି ବ୍ୟାଗ ପ୍ରଦାନର ଭଦ୍ରକ ଜିଲ୍ଲା ସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକ୍‌ର ଓଲଙ୍ଗ ଗ୍ରାମ ପଞ୍ଚାୟତର ସୁଲଭ ମୂଲ୍ୟ ଖୁଚୁରା ବିକ୍ରେତା କେନ୍ଦ୍ରରେ ଅନୁଷ୍ଠିତ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ପ୍ରତି ହିତାଧିକାରୀ ପରିବାରଙ୍କୁ ୨ଟି ଲେଖାଏଁ ଝୋଟ ତିଆରି ବ୍ୟାଗ ବିତରଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭଦ୍ରକ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଉର୍ମିଳା ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ, ଓଲଙ୍ଗ ଗ୍ରାମପଞ୍ଚାୟତ ସରପଞ୍ଚ ଅକ୍ଷୟ ପ୍ରସାଦ ମହାନ୍ତି, ପଞ୍ଚାୟତ ସମିତି ସଦସ୍ୟ ଗୌରୀ ରାଉତ ପ୍ରମୁଖଙ୍କ ସହ ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲାଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଏଥିରେ ଯୋଗଦେଇ ବ୍ୟାଗ ବିତରଣ କରିଥିଲେ। ଏ.ସି.ଏସ୍.ଓ. ଶରତ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ସୂଚନା ଯୋଗ୍ୟକି ଏହି ବ୍ୟାଗ ବଣ୍ଟନ କାର୍ଯ୍ୟ ଭଦ୍ରକ ଜିଲ୍ଲାର ୪୬୯ ସରକାରୀ ସୁଲଭ ମୁଲ୍ୟ ଖୁଚୁରା ବିକ୍ରେତା କେନ୍ଦ୍ରରେ ବଣ୍ଟନ କରାଯିବ। ଏଥିରେ ଜାତୀୟ ଖାଦ୍ୟ ସୁରକ୍ଷାରେ ୩,୧୮,୯୧୫ ଓ ରାଜ୍ୟ ଖାଦ୍ୟ ସୁରକ୍ଷାରେ ୭୦୯୯ ପରିବାର ତଥା ମୋଟ ରାସନ କାର୍ଡ଼ଧାରୀ ସଦସ୍ୟ ୧୧,୪୮,୩୭୬ ଉପକୃତ ହେବେ। ସବୁଜ ଓଡ଼ିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବାକୁ ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ଯୋଜନା ପ୍ରଣୟନ କରାଯାଇଛି।

# ଚାରିଦିନ ପରେ ନିଖୋଜ ଦୁଇ ସାଙ୍ଗଙ୍କ ମୃତଦେହ ବ୍ଲୁଲେକ୍‌ରୁ ଉଦ୍ଧାର: ଭାଇ ଭାଉଜ ସହ ୪ ସୁପାରିକିଲର୍ ଗିରଫ

ନିଳଗିରି, ୯/୨ (ନି.ପ୍ର): ନିଳଗିରି ଥାନା ଅନ୍ତର୍ଗତ କାଂଶ ଗ୍ରାମର ଭବାନୀଶଙ୍କର ରାଉତ (୨୧) ଓ ମନୋରଞ୍ଜନ ମହାପାତ୍ର ଗତ ୫ତାରିଖରୁ ନିଖୋଜ୍ ଥିବାବେଳେ ୬ତାରିଖ ସକାଳେ ମିତ୍ରପୁର ବ୍ଲୁ ଲେକ୍ ନିକଟରେ ଏକ ବାଇକ୍, ଜୋତାକୁ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ବାଇକ୍‌ରେ ବିଭିନ୍ନ ସ୍ଥାନରେ ରକ୍ତ ଛିଟା ଲାଗିଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ଏନେଇ ନିଳଗିରି ପୋଲିସକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ନିଳଗିରି ଥାନା ଅଧିକାରୀ ଗୋପାଳ କର୍ଣ୍ଣ, ଏସ ଡି ପି ଓ ସରୋଜ ଉପାଧ୍ୟାୟ ସଦଳବଳେ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ। ବାଇକରେ ଲାଗିଥିବା ରକ୍ତ ଛିଟାକୁ ନେଇ ଏହା ହତ୍ୟା ସନ୍ଦେହ ବୋଲି ଆଶା କରିଥିଲେ। ଏହା ପୋଲିସପାଇଁ ବେଶ୍ ସୁରାକ୍ ଆଣିଦେଇଥିଲା। ନିଖୋଜ ୨ସାଙ୍ଗକୁ ଉଦ୍ଧାର ପାଇଁ ନିଳଗିରି ଦମକଳ ବାହିନୀ ପ୍ରୟାସ ଜାରି ରହିଥିବା ବେଳେ ଉଦ୍ଧାର କରାଯାଇପାରି ନ ଥିଲା। ଏହାଭିତରେ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରୀକା ନାଥ ୨ଟି ଟିମ୍ କରି ଘଟଣାର ସତ୍ୟତା ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଦର ଏସ ଡି ପି ଓ ଏବଂ ନିଳଗିରି ଏସ, ଡି ପି ଓ ନିଜର ଟିମଧରି ତଦନ୍ତ ଆରମ୍ଭ କରୁଥିବା ବେଳେ ପ୍ରଥମେ ପରିବାର ଲୋକଙ୍କ ହାତ ରହିଥିବାର ତଦନ୍ତରୁ ଜାଣିବାକୁ ପାଇଥିଲେ। ୬ତାରିଖରେ ନିଳଗିରି ପୋଲିସ ବଡ଼ ଭାଇ ଭାଉଜକୁ ଥାନାକୁ ଆଣି ଅଟକ ରହିଥିଲେ। ଏନେଇ ମୃତ ଭବାନୀ ଶଙ୍କର ର ବଡଭାଇ ନିଳଗିରି ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଅର୍ଥାତ ୯ତାରିଖ ଦିନ ନିଳଗିରି ଅଗ୍ନିଶମ ବାହିନୀ ନିଖୋଜ ୨ସାଙ୍ଗ ଙ୍କ ମୃତ ଦେହ ବ୍ଲୁଲେକ୍ ରୁ ଉଦ୍ଧାର କରିଛନ୍ତି। ମୃତ ଦେହ ଉଦ୍ଧାର କରିବା ପରେ ବାଲେଶ୍ୱରରୁ ସାଇନ୍ଟି ଫିକ୍ ଟିମ୍ ପହଂଚିଛନ୍ତି। ତେବେ ହତ୍ୟା ପଛରେ ନିଜର ବଡ଼ଭାଇ, ଭାଉଜ ସୂପାରି ଦେଇ ହତ୍ୟା କରିଥିବାର ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି। ତେବେ ଟଙ୍କା ପଇସାକୁ ନେଇ ଏପରି ଅଘଟଣ ଘଟିଛି ବୋଲି ପୋଲିସ ପ୍ରକାଶ କରିଛି। ନିଜ ବଡ଼ ଭାଇ ନିକଟରୁ ମୃତ ଭବାନୀ କିଛି ଲକ୍ଷ ଟଙ୍କା ପାଇବାର ଥିଲା। ଟଙ୍କା ନଦେବା ପାଇଁ ବଡ଼ଭାଇ ଆରମ୍ଭ କରିଥିଲା ଷଡ଼ଯନ୍ତ୍ର। ଭାଇକୁ ହତ୍ୟା କରିବା ପାଇଁ ବାଲେଶ୍ୱରର ସୁପାରି କିଲର ଙ୍କୁ ଧରିଥିଲା। ଏକ ଲକ୍ଷ ସତୁରୀ ହଜାର ଟଙ୍କାର ମୂଲଚାଲ ହୋଇଥିଲା। ଶେଷରେ ଏକ ଲକ୍ଷ ଚାଳିଶ ହଜାର ଟଙ୍କା ଦେବାର ନିଷ୍ପତ୍ତି ହେବା ପରେ ତିରିଶ ହଜାର ଟଙ୍କା ଅଗ୍ରିମ ବଡ଼ ଭାଇ ଦେଇଥିଲା। ସମସ୍ତ ଯୋଜନାକୁ ବଡ଼ ଭାଉଜ ଡିଲ କରୁଥିଲେ। ଅବଶିଷ୍ଟ ଟଙ୍କା କାର୍ଯ୍ୟ ଶେଷ ପରେ ଦିଆଯିବାର ନିଷ୍ପତ୍ତି ହୋଇଥିଲା। କୌଶଳ ସହ ସୁପାରୀ କିଲର ମାନେ ଶଙ୍କର କୁ କାମ ଅଛି ବୋଲି କହି ମିତ୍ରପୁର ଲେକ୍ ନିକଟକୁ ଡାକିଥିଲେ। ଶଙ୍କର ଏକାକୀ ନ ଆସି ନିଜର ସାଙ୍ଗ ମନୋରଞ୍ଜନ ମହାପାତ୍ର କୁ ଧରି ପହଞ୍ଚିଥିଲା। ପୂର୍ବ ଯୋଜନା ଅନୁସାରେ ସୂପାରୀ କିଲୋର ମାନେ ଧାରୁଆ ଅସ୍ତ୍ରରେ ଶଙ୍କରକୁ ଆକ୍ରମଣ କରି ମାରିଦେଇଥିଲେ। ତାର ସାଙ୍ଗ ଏସବୁ ଦୃଶ୍ୟ ଦେଖିଥିବା ବେଳେ



କାଳେ ଘଟଣା ପ୍ରକାଶ କରିଦେବା ସେଥିପାଇଁ ତାକୁ ମଧ୍ୟ ମାରି ନିକଟରେ ଥିବା ଗଭୀର ଜଳରାଶି ମଧ୍ୟକୁ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ୪ଜଣ ଶୁପାରି କିଲୋର୍ ସମେତ ବଡ଼ ଭାଇ ଭାଉଜକୁ ପୋଲିସ ଗିରଫ କରିଛି। ୪ଜଣ ଅଭିଯୁକ୍ତଙ୍କ ଠାରୁ ନଗଦ ସତୁରୀ ହଜାର ଟଙ୍କା, ତେଲେଙ୍ଗା କଟୁରୀ, ୬ଟା ମୋବାଇଲ୍ ଜବତ କରାଯାଇଛି ବୋଲି ଏସ ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି। ଆଜିର ଏତେବଡ଼ ହତ୍ୟା ଘଟଣାରେ ନିଳଗିରି ପୋଲିସର ସଫଳତା କୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି।

# ବାଲେଶ୍ୱରରେ ସରକାରଙ୍କ ନିଶା ନିବାରଣ କେନ୍ଦ୍ର ସ୍ଥାପନ ନିଷ୍ପତ୍ତିକୁ 'ମନା'ର ସ୍ୱାଗତ



ବାଲେଶ୍ୱର, ୯/୨ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ(ମନା), ବାଲେଶ୍ୱରର ମାସିକ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ। ସରକାର ଓଡ଼ିଶାର ୫ଟି ଜିଲ୍ଲାରେ ନିଶା ନିବାରଣ କେନ୍ଦ୍ର ସ୍ଥାପନ କରୁଥିବା ଓ ବାଲେଶ୍ୱର ତନ୍ମଧ୍ୟରେ ସ୍ଥାନିତ ହୋଇଥିବାରୁ ସରକାରଙ୍କ ଏହି ନିଷ୍ପତ୍ତିକୁ ବୈଠକରେ ସ୍ୱାଗତ କରାଯାଇଥିଲା । ନିଶା ନିବାରଣ କେନ୍ଦ୍ର ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ପାଇଁ ଚିଠି ମାଧ୍ୟମରେ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସଚିବ ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରାଗଲା । ସର୍ବଶ୍ରୀ ଉପଦେଷ୍ଟା ସୁବ୍ରତ କର, ଡ. କେଶବଚନ୍ଦ୍ର ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ଗୀତାଞ୍ଜଳି ସିଂହ, ବେଣୁଧର ସାହୁ, ରମେଶଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ତ୍ରିଦୀବ ନାୟକ, କମଳାକାନ୍ତ ଦାଶ, ଶଚୀନ୍ଦ୍ର ଦାସ, ସୀତାରାମ ପ୍ରଧାନ, ପ୍ରସନ୍ନ ପାଢ଼ୀ, ପ୍ରଫୁଲ୍ଲ କୁମାର ଦାସ, ଭାରତୀ ପଣ୍ଡା, କଲ୍ୟାଣୀ ନନ୍ଦ, ଅବନ୍ତୀ ପ୍ରଧାନ, ପ୍ରଭାକର ସାହୁ (ଖ) ଓ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବୀରନ୍ଦ୍ର ନାରାୟଣ ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଣାଇଠାରେ ପ୍ରଦୂଷଣ ନିୟନ୍ତ୍ରଣ କେନ୍ଦ୍ର ଖୋଲିବାକୁ ଦାବି

ଭୁବନେଶ୍ୱର, ୯/୨ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାର ବଣେଇ ଠାରେ ଖଣି ଓ କାରଖାନା କାରଣରୁ ଜଳ ଓ ବାୟୁ ପ୍ରଦୂଷିତ ହୋଇଛି । ଏହି କାରଣରୁ ସେଠାରେ ଲୋକ ମାନଙ୍କୁ ଅଜଣା ରୋଗ ହେଉଛି । ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟ ରାଉରକେଲା ଠାରେ ଥିବାରୁ ସେଠାକାର ଅଧିକାରୀ ମାନେ ଜାଂଚ କରିବାକୁ ବଣେଇ ଆସି ପାରୁ ନାହାନ୍ତି । ତେଣୁ ବଣେଇ ଠାରେ ପ୍ରଦୂଷଣ ନିୟନ୍ତ୍ରଣ କେନ୍ଦ୍ର ଖୋଲିବାକୁ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଆଜି ବିଧାନସଭାରେ ଶୂନ୍ୟକାଳରେ ଦାବି କରିଛନ୍ତି।

# ଜମ୍ମୁରେ ସର୍ବନିମ୍ନ ତାପମାତ୍ରା ସାମାନ୍ୟରୁ ତଳକୁ ରେକର୍ଡ

ଜମ୍ମୁ, ୯/୨ (ନି.ପ୍ର): ରାତିରେ ଆକାଶ ନିର୍ମଳ ରହିବା କାରଣରୁ କଶ୍ମୀରର ଭୀଷଣ ଥଣ୍ଡା ଜାରି ରହିଛି । ଏହି କାରଣରୁ ଜମ୍ମୁରେ ସର୍ବନିମ୍ନ ତାପମାତ୍ରା ସାମାନ୍ୟରୁ ତଳକୁ ରହିଛି । ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଫେବୃୟାରୀ ୧୪ ଯାଏ ରାତିରେ ଆକାଶ ସଫା ରହିବା ସହ ଶୁଷ୍କ ପାଗ ରହିବା ନେଇ ଆକଳନ କରାଯାଇଛି । ଫଳରେ ଆଗାମୀ ୪/୫ଦିନ ଯାଏ ଭୀଷଣ ଥଣ୍ଡା ଅନୁଭୂତ ହେ।


ଏହାରି ଭିତରେ ଶ୍ରୀନଗରରେ ସର୍ବନିମ୍ନ ତାପମାତ୍ରା ଶୂନ୍ୟରୁ ତଳକୁ ୪.୮ ଡିଗ୍ରୀ, ଗୁଲମାର୍ଗରେ ଶୂନ୍ୟରୁ ତଳକୁ ୯ଡିଗ୍ରୀ, ପହଲଗାମରେ ଶୂନ୍ୟରୁ ତଳକୁ ୧୦.୩ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି । ଜମ୍ମୁ ସହରରେ ସର୍ବନିମ୍ନ ତାପମାତ୍ରା ୫.୩, କଟରାରେ ୫.୮, ବଟୋତରେ ୩.୩, ଭଦ୍ରଭାହରେ ଶୂନ୍ୟରୁ ତଳକୁ ୧.୬ ଓ ବନିହାଲରେ ୨ ଡିଗ୍ରୀ ସେଲସିୟସ ରହିଛି । ଲଦାଖର ଲେହ ସହରରେ ସର୍ବନିମ୍ନ ତାପମାତ୍ରା ଶୂନ୍ୟରୁ ତଳକୁ ୧୬.୧ ଓ କାରଗିଲରେ ଶୂନ୍ୟରୁ ତଳକୁ ୧୯.୮ ରେକର୍ଡ ହୋଇଛି ।

# ସାହିତ୍ୟିକ ରବୀନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ଏକାଦଶାହ ସ୍ମୃତି ସଭା



ଲଙ୍ଗଳେଶ୍ୱର , ୯/୨ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ନିକଟ ରାଇପୁର ଗ୍ରାମର ସୁ ସାହିତ୍ୟିକ କବି ରବୀନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ଏକାଦଶାହ ସ୍ମୃତି ସଭା ଶନିବାର ତାଙ୍କ ବାସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ବିନୋଦ ବିହାରୀ ଦାସ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନାଗରିକ ସୁଶାନ୍ତ କୁମାର ବେହେରା, ଅଧ୍ୟାପକ ଅରବିନ୍ଦ ବେଜ୍, ଚିତ୍ତ ରଞ୍ଜନ ଜେନା, ଅବସର ପ୍ରାପ୍ତ ଶିକ୍ଷକ ଅମୂଲ୍ୟ କୁମାର ଘଡ଼ାଇ, ଜୟ କୃଷ୍ଣ ଲେଙ୍କା, ପୁରୁଷୋତ୍ତମ ସାହୁ, ବଂଶୀଧର ନାୟକ, ହରେକୃଷ୍ଣ ବିଶ୍ୱାଳ, ହିମାଂଶୁ କୁମାର ପାତ୍ର, ବାଲିଆପାଳ ସାରସ୍ୱତ ସହର କମିଟି ଆବାହକ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ , କାଶୀନାଥ ଦାସ, ନିରଞ୍ଜନ ଦେ, ଗୌର ହରି ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆଚାର୍ଯ୍ୟଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କର ସାରସ୍ୱତ କୃତୀ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ଆତ୍ମାର ସଦ ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟାପିକା ପୁଷ୍ପାଞ୍ଜଳୀ ଆଚାର୍ଯ୍ୟ ଓ ତାଙ୍କ ପରିବାର ବର୍ଗ ସଭାକୁ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା



ବଡ଼ସାହି , ୯/୨ (ନି.ପ୍ର): ବଡ଼ସାହି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡାଙ୍କ ଅଧକ୍ଷତା କରିଥିଲେ । ବଡ଼ସାହି ତହସିଲଦାର ଗଦାଧର ଧଳ ମଞ୍ଚାସୀନ ଥିଲେ । ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ରାଜର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ । ବଡ଼ସାହି ବ୍ଲକ ୨୮ ଗୋଟି ଗ୍ରାମରେ ବିପର୍ଯ୍ୟୟ ପରିଚାଳନା ଓ ଯୋଜନା ପ୍ରସ୍ତୁତି ଦେବାପାଇଁ ଜିଲ୍ଲା ଜରୁରୀକାଳୀନ ଅଫିସର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ଉପସ୍ଥିତ ହୋଇ ବିପର୍ଯ୍ୟୟ ପରିଚାଳନା ବିଷୟରେ ସମସ୍ତଙ୍କୁ ଅବଗତ କରାଇ ଥିଲେ । ବଡ଼ସାହି ବ୍ଲକର ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା କରିବା ପାଇଁ ନୋଡାଲ ଏନ୍.ଜି.ଓ. ଫୋର୍ଡ ର ସଭ୍ୟମାନେ ଉପସ୍ଥିତ ଥିଲେ । ସର୍ବଶେଷରେ ବ୍ଲକର ନୋଡାଲ ଅଫିସର ଅତିରିକ୍ତ ଯନ୍ତ୍ରୀ ଲକ୍ଷ୍ମଣ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ କାର୍ଯ୍ୟାବଳୀ ସମ୍ବନ୍ଧୀୟ ଏକଦିବସୀୟ ରିଫ୍ରେସର କର୍ମଶାଳା

ଭଦ୍ରକ , ୯/୨ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଭଦ୍ରକ ଆନୁକୁଲ୍ୟରେ ମହାପୁରୁଷ ଆଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ, କାଂଜିଆପାଳ ଠାରେ ଜିଲ୍ଲାରେ ଥିବ ୯ ଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ଯଥା ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର। ଯୋଗୀରଷି ଲଚ୍ଛମନ ଦାସ ଶିଶୁ ଆଶ୍ରମ, ଶାନ୍ତି ଆଶ୍ରମ, ମହାପୁରୁଷ ଆଶ୍ରମ, ମାନବ ସେବା କନ୍ୟାଶ୍ରମ ଫେଲୋସିପ୍ ଓ ବାତ୍ସଲ୍ୟ, ଆସିଆନ ଓପନ୍ ସେଲଟର ହୋମ୍‌ରର କର୍ମକର୍ତ୍ତା ଯଥା ଅଧିକ୍ଷକ, ପ୍ରେବେସନ୍ ଅଧିକାରୀ କାଉନ୍‌ସିଲର, ଗୃହମାତା, ହିସାବ ରକ୍ଷକ ଇତ୍ୟାଦି ଯୋଗଦାନ କରିଥିଲେ। ଉକ୍ତ କର୍ମଶାଳାରେ ବିଷୟ ବିଶାରଦ ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ସତ୍ୟସୁନ୍ଦର ପୁହାଣ ଯୋଗଦାନ କରି




ଶିଶୁ କିଶୋର ନ୍ୟାୟ ନିୟମାନୁଯାୟୀ ପ୍ରତ୍ୟେକ କର୍ମକର୍ତ୍ତା ମାନଙ୍କର ଦାୟିତ୍ୱ ଉପରେ ପୁଙ୍ଖନାପୁଙ୍ଖ ଆଲୋଚନା କରିଥିଲେ ଓ କର୍ମକର୍ତ୍ତା ମାନଙ୍କର ପ୍ରଶ୍ନର ଉତ୍ତର ଦେଇଥିଲେ। ତତ୍ ସହିତ ଶିଶୁ ମାନଙ୍କର ସୁରକ୍ଷା ଦିଗରେ ଅଧିକ ଯତ୍ନବାନ ହେବା ପାଇଁ ନିଜ ଦାୟିତ୍ୱର ବ୍ୟାପକତା ଉପରେ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ସମ୍ମାନୀୟ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ଓ ସଭାପତି ନକୁଳ ଚରଣ ପାତ୍ର ଯୋଗଦାନ କରି କର୍ମକର୍ତ୍ତା ମାନଙ୍କର କର୍ତ୍ତବ୍ୟ ବୋଧ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ। ମହାପୁରୁଷ ଆଶ୍ରମର ଆକାଶ ଚନ୍ଦ୍ର ପୃଷ୍ଟି, ଦେବସ୍ମିତା ମହାନ୍ତି, ସତ୍ୟଦେବ ପାତ୍ର ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଦମୟନ୍ତୀ ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମ ସମ୍ପାଦନ ନିମିତ୍ତ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ନକୁଳ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବାସୁଦେବପୁର ମହୋତ୍ସବ ମହାସମାରୋହରେ ଉଦ୍‌ଘାଟିତ

ବାସୁଦେବପୁର, ୯/୨ (ନି.ପ୍ର): ବାସୁଦେବପୁର ବାଲି ନଗର ଯାଦବ ପଡିଆ ଠାରେ ଦ୍ୱିତୀୟ ବର୍ଷର ବାସୁଦେବପୁର ମହୋତ୍ସବ ମହାସମାରୋହରେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ପୌର ପାଳିକା ର ଅଧକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିଲେ । ଭଣ୍ଡାରି ପୋଖରୀ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ କୁ ଉଦଘାଟନ କରିଥିଲେ । ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଋତୁପର୍ଣ୍ଣା ସ୍ରୋତସ୍ୱିନି ରାଉତରାୟ, ମହୋତ୍ସବ କମିଟି ସଭାପତି ଶୁଭେନ୍ଦୁ ଭୂଷଣ ବେହେରା, ମହୋତ୍ସବ କମିଟି ସମ୍ପାଦକ ତଥା ବିଧାୟକ ପ୍ରତିନିଧି ଅସିତ୍ କୁମାର ଦାଶ ପ୍ରମୁଖ




ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ଶିକ୍ଷାବିତ୍ ଦୁଃଶାସନ ରାଉତ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, କବି ସୁଦର୍ଶନ ଅଗସ୍ତି , ସୁଧାକର ସନ୍ଧି ବିଗ୍ରହ, ସାଧୁ ଚରଣ ମହାନ୍ତି, କବି ରତ୍ନାକର ବାରିକ୍ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୌର ପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ବାସୁଦେବାୟନ ପତ୍ରିକା ଉନ୍ମୋଚିତ ହୋଇଥିଲା ।

# ୟୁଟିବି ଗୋଷ୍ଠୀର ଶିବସେନା ନେତାଙ୍କ ହତ୍ୟା ମାମଲାରେ ୨ ଗିରଫ

ମୁମ୍ବାଇ, ୯/୨ (ନି.ପ୍ର): ଦହିସର ଅଞ୍ଚଳରେ ଶିବସେନା ନେତାଙ୍କ ହତ୍ୟା ମାମଲାରେ ପୋଲିସ ଶୁକ୍ରବାର ସକାଳେ ଦୁଇଜଣ ଲୋକଙ୍କୁ ଗିରଫ କରିଛି । ମୋରିସ ନରୋନ୍‌ହାଙ୍କ କାର୍ଯ୍ୟାଳୟରୁ ବେଆଇନ ପିସ୍ତଲ ଓ ଜୀବନ୍ତ କାରତୁସ ଜବତ କରାଯାଇଛି । ମୋରିସଙ୍କ ପତ୍ନୀଙ୍କୁ ବି ପଚରାଉଚରା କରୁଛି ମୁମ୍ବାଇ କ୍ରାଇମବ୍ରାଞ୍ଚ । ଗୁରୁବାର ସନ୍ଧ୍ୟାରେ ମରିସ ନରୋନ୍‌ହା ପୂର୍ବତନ ବିଧାୟକ ବିନୋଦ ଘୋସଲକରଙ୍କ ପୁଅ ପୂର୍ବତନ କାଉନସିଲର ଅଭିଷେକ ଘୋସାଲକରଙ୍କ ଫାୟାରିଂ କରିଥିଲେ ।

# ମହିଳା ରୋଷେୟା ସେବାୟତ ମହାସଂଘର ୮ ଦଫା ଦାବି ନେଇ ବିକ୍ଷୋଭ

ଭୁବନେଶ୍ୱର, ୯/୨ (ନି.ପ୍ର): ଆଜି ମହିଳା ରୋଷେୟା ସେବାୟତ ମହାସଂଘର ସମ୍ପାଦିକା ରୀନା ମୁର୍ମୁଙ୍କ ନେତୃତ୍ୱରେ ୮ ଦଫା ଦାବି ନେଇ ରାଜ୍ୟର ୩୦ଟି ଜିଲ୍ଲାର ସମସ୍ତ ରୋଷେୟାମାନେ ଲୋୟର ପି.ଏମ୍.ଜି. ଠାରେ ଏକତ୍ରିତ ହୋଇ ଏକ ପ୍ରତିବାଦ ସଭା କରିଥିଲେ । ମୁଖ୍ୟ ଅତିଥି ଭାବେ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ କହିଲେ ଦୀର୍ଘ ୨୪ ଘଂଟା ଧରି ରୋଷେୟାମାନେ କାର୍ଯ୍ୟ କରୁଛନ୍ତି । ବଡ଼ ଦୁଃଖର ବିଷୟ ସରକାର ଯାହା ପାରିଶ୍ରମିକ ଦେଉଛନ୍ତି, ତାହା ସମୁଦ୍ରକୁ ସଙ୍କେ । ଅନେକବାର ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇଛି । ଯଥାଶୀଘ୍ର ୮ ଦଫା ଦାବି ପୂରଣ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ବିକ୍ଷୋଭ ସମାବେଶରେ ଚାନ୍ଦୁ ଖାଲ୍‌କୋ, ମଞ୍ଜୁ ବେସ୍ରା, ଛୁଆମୁନି ମେହେର, ରଞ୍ଜିତା ସଏ, ଦୀପାଞ୍ଜଳି ଭୋଇ, ତାସଲା ଏକ୍କା ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo